# Anulipi

# ଅଣୁଲିପି





Jai Jagannath!

Anushaktinagar Odiya Association(AOA) mouth piece, "Anulipi", is going to be released during the celebration of Kalinga Mahotsav on November 24th 2018. I congratulate each and every member of the association for their enthusiasm and untiring support for the various activities of AOA being arranged through the year. Over the year the AOA has expanded its activities to highlight culture and heritage of Odisha in our campus. We all feel proud for the celebration of Rath Yatra for the first time in Anushaktinagar Colony this year. Jagannath culture is the epitome of Oriya culture. This year's Rath Yatra celebration was liked by one and all in the colony. The spontaneous support received by our members and also non members for the celebration of Rath Yatra was remarkable and humbling.

This years' Kalinga Mahotsav where Shri Lingaraj Pradhan and his troupe will be performing classical dance, will further highlight Odisha Culture and heritage. In addition the dance drama titled [illegible] choreographed and participated by our own AOA family members will be scintillating. I am sure all the residents of Anushaktinagar in general and Oriya members and their family in particular will enjoy various activities being arranged during the Mahotsav.Looking forward to participate in Kalinga Mahotsav on November 24th and wishing all the best to each and every AOA member

Basanta Kumar Nayak
President, AOA

## MANAGING COMMITTEE 2018-2020

President: B. K. Nayak
Vice- President: R. Acharya

Secretary: M. K. Ray
Jt. Secretary: P. K. Panda

Treasurer: M. K. Tripathy
Jt. Treasurer: Sandeep Agarwalla

**: Members :**

| | | | |
|---|---|---|---|
| Mrs. Suchismita Mishra | Mrs. Rita Behera | S. K. Pradhan | Ashok K. Rath |
| Duryodhan Sahoo | Gouri Shankar Sahoo | D. K. Mishra | B. C. Sahoo |
| Prakash C. Rout | N. K. Sahoo (Co-opted) | D. K. Sahoo (Co-opted | |

**: Advisory Members :**

P. K. Pujari, J. K. Mishra, J. Shukla, S. C. Parida, Kuber C. Bhaina
S. N. Acharya, R. Mishra, Sam Tripathy, Ashwini K. Das, Baikuntha Parida

[illegible]

[illegible] (www.anuodia.org) [illegible] (anuodia@gmail.com, secretary@anuodia.org) [illegible]

# ଅଣୁଲିପି

## ୨୦୧୮


**ସମ୍ପାଦକ ମଣ୍ଡଳୀ**

**Anulipi 2018 Editorial Board**

ସନ୍ତୋଷ କୁମାର ପ୍ରଧାନ( ସମ୍ପାଦକ )
ସତ୍ୟନାରାୟଣ ଆଚାର୍ଯ୍ୟ
ସୁରେଶ ଚନ୍ଦ୍ର ପରିଡା
ମନୋଜ ମହାପାତ୍ର
ମନୋଜ କୁମାର ତ୍ରିପାଠୀ
ଶ୍ୟାମ ପ୍ରସନ୍ନ ତ୍ରିପାଠୀ
ହେମନ୍ତ କୁମାର ସ୍ୱାଇଁ


ଅଣୁଲିପି ସମ୍ପର୍କ ରେ

୧) ଅଣୁଶକ୍ତିନଗର ଓଡିଆ ସମିତିର ବାର୍ଷିକ ଉତ୍ସବ  ଅବଷରରେ ପ୍ରତିବର୍ଷ ଫେବୃଆରୀରୁ ଏପ୍ରିଲ୍ ମାସ ମଧ୍ୟରେ ଅଣୁଲିପି ପ୍ରକାଶିତ ହୁଏ ।

୨) ବର୍ଷର କୌଣସି ସମୟରେ ଆପଣମାନେ ଓଡିଆ, ଇଂରାଜୀ ଓ ହିନ୍ଦୀରେ ଲେଖା ପଠାଇ ପାରିବେ । ସଂପାଦନା ମଣ୍ଡଳୀ ଦ୍ୱାରା ଲେଖା ଉପଯୁକ୍ତ ବିବେଚିତ ହେଲେ ପ୍ରକାଶିତ ହେବ । ଲେଖକ ଓ ଲେଖିକାଙ୍କୁ କୌଣସି ପାରିଶ୍ରମିକ ମିଳିବାର ବ୍ୟବସ୍ଥା ନାହିଁ ।

୩) ଏହି ପତ୍ରିକା ବଜାରରେ ବିକ୍ରୀ ପାଇଁ ଉଦ୍ଦିଷ୍ଟ ନୁହେଁ । କେହି ଏହାର ଦୁରୁପଯୋଗ କଲେ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବେ ।






## PADMAVIBHUSAN RAGHUNATH MOHAPATRA

Born on 24th March 1943 in traditional stone carver's family in the temple town of Puri. Shri Raghunath Mohapatra had the unique privilege of being the descendant of illustrious sculptors who had fashioned marvels in stone like Temples of Konark and Puri. True to the age old tradition, Shri Mohapatra had magic in his finger.

With single minded devotion to the cause of stone carving Shri Mohapatra has by now acquired International repute. He has made in depth study of Shilpa Shastra from ancient palm leaves and traditional style of sculpting on the pattern of temple architecture of Orissa and is an acknowledged authority on stone carving.

Sri Mohapatra has by now acquired International recognition and his sculptures adorn various prestigious centres in the country and abroad. In the year 1976 he was honoured with the coveted title of "PADMASHREE" by his Excellency the President of India and in the year 2006 he was also honoured with "SHILPIGURU" by his Excellency the President of India. The year 2001 and 2013 was a momentous year in his life when Shri Raghunath Mohapatra was honoured with the coveted title of "PADMABHUSAN" and "PADMABIBHUSAN" by his Excellency the President of India.

Anushaktinagar Oriya Association feels proud to have Dr Raghunath Mohapatra as the Chief Guest for Kalinga Mahotsav 2018.



କର୍ମର ଦାୟରେ, କର୍ତ୍ତବ୍ୟର ଆହ୍ୱାନରେ ଜନ୍ମ ମାଟିରୁ ଖୁବ୍ ଦୂରରେ;କେହିଜଣେ ଦେଖେଇ ଦେଇଥିବା ବାଟରେ  ଆମେ ସମସ୍ତେ ଚାଲିଚାଲି ଆସି ଏକାଠି ହୋଇଛେ । ତିଆରିଛେ  ନୂଆ ଗୋଟେ ମଞ୍ଚ । ସୁଖରେ ଦୁଃଖରେ ହସରେ କାନ୍ଦରେ କାନ୍ଧରେ କାନ୍ଧ ମିଶେଇନାଚିଛେ, ଗାଇଛେ କାନ୍ଦିଛେ ବାନ୍ଧିଛେ । ଭିନ୍ନଭିନ୍ନ ସ୍ୱରକୁ ସଂଗୀତର ନୂଆରୂପ ଦେଇଛେ । ପାଦ ପକେଇ ଚାଲୁଚାଲୁ ଅତିକ୍ରମ କରି ଚାଲିଛେ ବର୍ଷ  ପରେ ବର୍ଷ । ଲାଗୁନି କେତେବେଳେ ଆଉ କେମିତି ବର୍ଷଟେ ବିତି ଯାଇଛି କାଲିପରି । ପ୍ରବାସରେ ରହି ନିଜ ବାସରେ ବାସ୍ନାୟିତ କରି ଚାଲିଛେ । ଓଡିଆର ସ୍ୱାଭିମାନକୁ ଉର୍ଦ୍ଧ୍ୱକୁ ନେଇଯିବାର ପ୍ରତିଶ୍ରୁତି ସମସ୍ତଙ୍କ ଭିତରେ ଗୁଞ୍ଜରିତ । ତା'ର ସ୍ୱରକୁ ସମସ୍ତେ ଅନୁଭବ କରୁଛେ ନିଜନିଜ ଭିତରେ । ମୁମ୍ବାଇ ମହାନଗରୀ ଭିତରେ ମହାଭାରତୀୟ ଭାବଧାରା ଯେଉଁଳି ପ୍ରତିଫଳିତ, ତା' ଭିତରେ ଠିକ୍ ସେମିତି ଅନୁରଣିତ ଓଡିଶାର ସ୍ୱର ଓ ସ୍ୱାକ୍ଷର ରୂପେ "ଅଣୁଶକ୍ତି ନଗର ଓଡ଼ିଆ ଆସୋସିଏସନ" । ଦେଶର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଉଥିବା ଆମର କର୍ମପ୍ରବଣ ସମୟ ବାହାରେ ନିଜକୁ ପରିପ୍ରକାଶ  କରିବାର କୌଣସି ସୁଯୋଗକୁ ହାତଛଡା କରିବାକୁ ଦେଇନେ ଆମେ । ବର୍ଷସାରା ଭିନ୍ନଭିନ୍ନ କାର୍ଯ୍ୟକ୍ରମ  ସହ ବାର୍ଷିକ ଉତ୍ସବର ଆଡମ୍ବରତା ମୁମ୍ବାଇ ମହାନଗର ନୁହେଁ ସୁଦୂର ଆମ ଜନ୍ମଭୂମି ଓଡିଶାରେ ମଧ୍ୟ ପ୍ରତିଧ୍ୱନିତ ହୁଏ ।

ଆମ ହୃଦୟର ସ୍ୱରକୁ, ମନର ଆବେଗକୁ, ଆକ୍ତାମାକ୍ତା ଭାବନାକୁ, ବିକ୍ଷିପ୍ତ ଚିନ୍ତାଧାରାକୁ ଏକିଭୂତ କରିବାର ମାଧ୍ୟମ ଆମର ଏ ପତ୍ରିକା  "ଅଣୁଲିପି" । ଏହା କେବଳ ଏକ ପତ୍ରିକା ନୁହେଁ ଏହା ଆମ ମୁଖପତ୍ର । ଲେଖକୀୟ ଶୈଳିଠାରୁ ନିଜକୁ ବିମୁକ୍ତ କରି; ମହତ୍ତ୍ୱପୂର୍ଣ୍ଣ ଭାବ ଭାବନା ଚିନ୍ତା ଚେତନାକୁ ଭିନ୍ନ ଏକ ସୋପାନରେ ପହଞ୍ଚେଇ ଦିଏ । ଆଜି ଆମ ସଭ୍ୟସଭ୍ୟା କେବଳ ନୁହନ୍ତି ସୁଦୂର ଜନ୍ମଭୂମି ଓଡିଶାର ଲବ୍ଧ ପ୍ରତିଷ୍ଠିତ ଅନେକ ଲେଖକ ଲେଖିକା ସେମାନଙ୍କର ବହୁମୂଲ୍ୟ କୃତି ମାଧ୍ୟମରେ କେବଳ ଆମର କଳେବର ବୃଦ୍ଧି କରି ନାହାନ୍ତି ବରଂ "ଅଣୁଲିପି"ର ଗୁଣାତ୍ମକ ସାହିତ୍ୟିକ ମର୍ଯ୍ୟଦା ବୃଦ୍ଧି କରିଛନ୍ତି ସେମାନଙ୍କୁ ଶତ ଧନ୍ୟବାଦ । ପ୍ରଭୁ ଜଗନ୍ନାଥଙ୍କ ଅପାର କରୁଣାରୁ ସମସ୍ତଙ୍କ ସ୍ୱପ୍ନ ଆଜି ପୁରଣ ହେବାକୁ ଯାଉଛି । ନୂଆ କଳେବର,  ନୂଆ ଅଙ୍ଗସଜ୍ଜାରେ  ପରିପୃଷ୍ଟ ହୋଇ ଦୁନିଆ ଦେଖୁଛି ଆମର ପ୍ରିୟ  ଅଣୁଲିପି । ସହଯୋଗ ପାଇଁ ଧନ୍ୟବାଦ ।

। । ଜୟ ଜଗନ୍ନାଥ । ।

। । ଜୟ ଅଣୁଶକ୍ତି ନଗର ଓଡିଆ ଆସୋସିଏସନ । ।

। । ବନ୍ଦେ ଉତ୍କଳ ଜନନୀ । ।

| ଅଂକ | ଶୀର୍ଷକ | ଲେଖକ | ପୃଷ୍ଠା |
|---|---|---|---|
| 1 | ଅଭୁଲା ସ୍ମୃତି | ଜୟଶ୍ରୀ ବିଶ୍ୱାଳ | ୧ |
| ୨ | ମୋର ପ୍ରଥମ ହାଟଦେଖା | ଆଦିତ୍ୟ କୁମାର ସାହୁ | ୩ |
| ୩ | ଜେଜେମାଆରୁ ନାତୁଣୀ ପର୍ଯ୍ୟନ୍ତ | ଅଞ୍ଜଳି ଆଚାର୍ଯ୍ୟ | ୮ |
| ୪ | ସ୍ୱପ୍ନଟି ସତ ହେଲା : ଶ୍ରୀ ଜଗନ୍ନାଥ ରଥଯାତ୍ରା ୨୦୧୮ | ରଘୁନାଥ ଆଚାର୍ଯ୍ୟ | ୧୦ |
| ୫ | ରଜ ମଉଜ | ସସ୍ମିତା ଦାଶ | ୧୩ |
| ୬ | ମାୟାରେ ବାୟା | ସଲ୍ଲିଳା ବିଶ୍ୱାଳ | ୧୪ |
| ୭ | ହେ କୃଷ୍ଣ ତୁମେ କାହିଁ ଗଲ | ସବିତା ଦାସ | ୧୭ |
| ୮ | ସନା ଚଷା | ସୁଦର୍ଶନ ଦୀକ୍ଷିତ | ୧୮ |
| ୯ | ମଞ୍ଜି ଓ ମଣିଷ | ତନ୍ମୟ କୁମାର ମିଶ୍ର | ୨୦ |
| ୧୦ | ଆସିବକି ତୁମେ | ସୁଦର୍ଶନ ଦୀକ୍ଷିତ | ୨୧ |
| ୧୧ | ସଂଗୀତ | ଦେବଜାନୀ ବେହେରା | ୨୩ |
| ୧୨ | ବାର ମାସରେ ଶ୍ରୀ ଜଗନ୍ନାଥଙ୍କର ପୂଣ୍ୟ ଯାତ | ପ୍ରଜ୍ଞା ରଥ | ୨୪ |
| ୧୩ | ଭସାଣୀ | ସୁଦର୍ଶନ ଦୀକ୍ଷିତ | ୨୬ |
| ୧୪ | କିଛି ଜାଣିବା କଥା | ବନମାଳୀ ମହାପାତ୍ର | ୨୯ |
| ୧୫ | ବାସ୍ତୁ ଶାସ୍ତ୍ରର କିଛି କଥା | ବନମାଳୀ ମହାପାତ୍ର | ୩୦ |
| ୧୬ | ପ୍ରକୃତି ନୈବ ମୁଚ୍ୟତେ | ବନମାଳୀ ମହାପାତ୍ର | ୩୧ |
| ୧୭ | କିଏ କହେ ତୁମେ ଚାଲି ଗଲ? | ବନମାଳୀ ମହାପାତ୍ର | ୩୩ |
| ୧୮ | ଜୟ ଜଗନ୍ନାଥ : ଅଣୁଶକ୍ତିନଗରର ପ୍ରଥମ ରଥଯାତ୍ରା ଅନୁଭୂତି | ପ୍ରିୟଦର୍ଶିନୀ ସାହୁ | ୩୫ |
| ୧୯ | ସଂକ୍ରମଣ | ଦୀପ୍ତି ରଞ୍ଜନ ଶତପଥୀ | ୩୭ |
| ୨୦ | Imaginations of a five year old | Devashree | ୪୧ |
| ୨୧ | Glimpses of Rath Yatra 2018 | | ୪୨ |
| ୨୨ | Glimpses of Annual Day 2017-18 | | ୪୪ |
| ୨୩ | Glimpses of Kalinga Mahotsav | | ୪୮ |
| ୨୪ | The Ocean to cross before we sleep | D R Hota | ୫୦ |
| ୨୫ | The making of Shree Jagannath..... | Dr R Acharya | ୫୪ |
| ୨୬ | ଜୀବନ ସୁରକ୍ଷା ନିଜ ବାସ ଭବନରେ! | ବୈଷ୍ଣବ ଚରଣ ସାହୁ | ୫୮ |

# ଅଭୁଲା ସ୍ମୃତି

**ଜୟଶ୍ରୀ ବିଶ୍ୱାଳ**
୩୨ ଭେଙ୍କଟଗିରି, ଅଣୁଶକ୍ତିନଗର

ହଜି ଯାଇଥିବା ସମୟ କେବେ ଫେରେନି, ଅତୀତର ସ୍ମୃତି ସ୍ୱପ୍ନ ହୋଇ ରହିଯାଏ । ବର୍ତ୍ତମାନର ଦୋଛକିରେ ଠିଆ ହୋଇ ପଛକୁ ଫେରି ଚାହିଁଲେ, ଦୃଶ୍ୟମାନ ହୁଏ ଜୀବନର ଅଙ୍କାବଙ୍କା ରାସ୍ତା । ଏହି ରାସ୍ତାରେ ଚାଲି ଚାଲି ଅତିକ୍ରମ ହୋଇଛି ଅନେକ ମୋଡ଼ ଓ ସବୁଜିମା ଏବଂ ମାନସ ପଟ୍ଟରେ ଲିପିବଦ୍ଧ ହୋଇଛି ଜୀବନର କାହାଣୀ ସବୁ । ବର୍ତ୍ତମାନର ଆକାଶରେ ଛାଇ ହୋଇ ରହିଛି କେବଳ ନିରାଶ ଓ ଦୁଃଖର ବାଦଲ । ସୁଖର ଦିନ ସବୁ ସରି ସରି ଆସୁଛି । ବାପା ଚାଲିଗଲେ, ବୋଉକୁ ଆଶ୍ରା କରି ଆଉ କିଛି ଦିନ ଜିଇଁବାକୁ ପଡ଼ିବ । ଆଶାର ଅଟ୍ଟାଳିକାର ସବୁଠୁଁ ମଜ୍ ବୁତ୍ ଖୁଣ୍ଟଟି ଭାଙ୍ଗିସାରିଛି । ଜୀବନଟା ଆଗଭଳି ଆଉ ଝଡ଼ବତାସର ଦାଉରୁ ପୂର୍ଣ୍ଣରୂପେ ସୁରକ୍ଷିତ ନୁହେଁ । ତଥାପି ଚାଲିବାକୁ ପଡ଼ିବ ଏଇ ଜୀବନର ପଥେ ପଥେ, ବାଟ ସରିବା ଯାଏଁ । ସତରେ, କାଳର ଏହି କରାଳ ପରିହାସକୁ ସହିବା ଭାରି କଷ୍ଟ ।

ବାପା ଅଛନ୍ତି, ବୋଉ ଅଛି, ଆମର ଆଉ କିଛି ବି ଲୋଡ଼ା ନାହିଁ । ସବୁଦିନ ଏଇଭଳି ଚାଲିଥିବ ମଉଜ-ମସ୍ତିରେ । ଦିନ ପରେ ଦିନ ବିତି ଚାଲିଲେ, ପିଲାଟିଏ ବଡ଼ ହୁଏ , ଆଉ ବଡ଼ ମାନେ ବୁଢ଼ା ହୁଅନ୍ତି । ଏତେ ସବୁ କିଏ ବା ଚିନ୍ତାକରେ ସେ ବୟସରେ । ସେଥିପାଇଁ କ'ଣ କୁହାଯାଏ ପିଲାଦିନ ବହୁତ ସୁନ୍ଦର ବୋଲି । ସେ ଦିନ ଗୁଡ଼ିକରେ ଯାହା ସବୁ ସତ ବୋଲି ଲାଗେ, ଆଜି ଅନୁଭବ ହୁଏ ସେସବୁ ଅବାସ୍ତବ ଓ କ୍ଷଣସ୍ଥାୟୀ । କିଛି ମାସ, କିଛି ବର୍ଷ ପାଇଁ ହେଉପଛେ ଖୁବ୍ ଯାଦୁକାରୀ ଥିଲା ସେଇ ଦିନ ଗୁଡ଼ିକ । ଏବେ ବି ମନେ ପଡ଼ିଲେ, ଆତ୍ମହରା ହୋଇଯାଏ ମନ ଏବଂ କିଛି ସମୟ ପାଇଁ ଭୁଲି ହୋଇଯାଏ ବର୍ତ୍ତମାନର ନିଷ୍ଠୁର ସତ୍ୟ ।

ବାପା ଯଦି ହୁଅନ୍ତି ଛାତ, ବୋଉ ହେଲା ସେ ଘରର କାନ୍ଥ, ଛାତ ନଥିଲେ ଘର ଟି ଘର ନୁହେଁ, ସେମିତି କାନ୍ଥ ବିନା ଘରର ବା ମହତ୍ତ୍ୱ କ'ଣ ? ହଁ ! କୁହନ୍ତି ଏହା ତ ସଂସାର ର ନିୟମ । ଆଜି ନ ହେଲେ କାଲି, କିନ୍ତୁ ପ୍ରତ୍ୟେକ ଲୋକର ଜୀବନରେ ଏମିତି ଏକ ଦିନ ଆସେ ଏବଂ କେହି ବି ଏଠି ଚିରସ୍ଥାୟୀ ନୁହେଁ । ଏଇସବୁ ବାସ୍ତବ ଜୀବନର ଅନୁଭୂତି ସିନା ମସ୍ତିଷ୍କ ବୁଝିଯାଏ । ଆଉ ନିଜକୁ ନିଜେ କହି ହୁଏ, ଯାହା ପ୍ରକୃତିରେ ନିୟମ ଏବଂ ଯାହା ଭଗବାନଙ୍କ ଇଚ୍ଛା । ତାହା ଗ୍ରହଣ କରିବାକୁ

ତ ପଡ଼ିବ । କିନ୍ତୁ, ମନ ! ମନକୁ କିପରି ବୁଝେଇବି ? ସେ ଅବୁଝା ଛୋଟ ପିଲାଟିଏ । ଏବେ ବି, ସେ ଅତୀତର ସ୍ମୃତୀକୁ ବର୍ତ୍ତମାନର ଚିତ୍ରପଟ୍ଟରେ ଖୋଜିବୁଲେ ।

ସ୍କୁଲ ପରିବେଶରୁ ବିଦାୟ ନେଇ, କଲେଜର ବିସ୍ତିର୍ଣ୍ଣ ପରିବେଶରେ ପାଦ ଦେଲା ବେଳେ, ମନ ଭିତରେ କିଛି ଚିନ୍ତା, ଅନୁଚିନ୍ତା, ଆଶଙ୍କା, ଉଦ୍ବେଗ ବା ଅସ୍ଥିରତା ନଥିଲା । ଏହାର କାରଣ, 'ମୋ ବାପା ଅଛନ୍ତି', ଏଇ ଭାବନାଟି ସତରେ ଭାରି ଶକ୍ତିଶାଳୀ, ଛୋଟରୁ ଛୋଟ ଆବଶ୍ୟକତା ହେଉ ଅଥବା କିଛି ବଡ଼ ଦାୟୀତ୍ୱ ହେଉ ବାପା ତ ଅଛନ୍ତି, ସେ ସବୁ ବୁଝିବେ । ବାପାଙ୍କ ଛତ୍ରଛାୟାରେ ଦିନ ଗୁଡ଼ିକ ମୁକ୍ତ ବିହଙ୍ଗ ଭଳି କଟୁଥିଲା । କଲେଜକୁ ଯିବାର ଦଶ-ପନ୍ଦର ଦିନ ହୋଇସାରିଥିଲା । ଭାବିଲି କଲେଜ ତ ଘରଠାରୁ ବେଶି ଦୂର ନୁହେଁ, ଅନ୍ୟ ପିଲା ମାନଙ୍କ ପରି ସାଇକେଲରେ ଯିବାଆସିବା କଲେ ଭଲ ହୁଅନ୍ତା । ତେଣୁ ବାପା ମୋ ପାଇଁ ଗୋଟିଏ ସାଇକେଲ କିଣି ଦେଲେ । କିନ୍ତୁ ମୁଁ ଆଗରୁ ସାଇକେଲ ଚଳାଇବା ଶିଖିନଥିଲି । ସାଇକେଲ ଚାଲାଇବା ଶିଖିବା ସମୟରେ ପଡ଼ିଯାଇ ମୋର ଗୋଡ଼ରେ ଆଘାତ ଲାଗିଥିଲା ଓ ରକ୍ତାକ୍ତ ହୋଇଯାଇଥିଲା । ତାହା ଦେଖି ବାପାଙ୍କର ଯେଉଁ ବ୍ୟସ୍ତତା ଓ ପ୍ରତିକ୍ରିୟା ଏବଂ ସ୍ନେହ ଓ ଯତ୍ନର ସହ ଔଷଧ ଲଗାଇଦେବା, ଆଜି ସେ ସବୁ ଭାରି ମନେ ପଡ଼ୁଛି ।

ଏହି ଘଟଣାର ଦୁଇଦିନ ପରେ ମୁଁ ପ୍ରଥମଥର ସାଇକେଲ ଚଢ଼ି କଲେଜକୁ ଗଲି । ରାସ୍ତା ସହ ପରିଚୟ କରାଇଦେବା ପାଇଁ ବାପା ମଧ୍ୟ ନିଜ ଗାଡ଼ିରେ ମୋ ସାଥିରେ ଯାଇଥିଲେ । କ୍ଲାସ୍ ସରିବା ପରେ ଘରକୁ ଫେରିବା ବେଳକୁ ମୁଁ ଏକାଥିଲି ଓ କିଛି ବାଟ ଆସିବା ପରେ ରାସ୍ତା ଭୁଲି ଯାଇଥିଲି । ଅଲଗା ଗୋଟିଏ ରାସ୍ତାରେ ଯାଇ ଘରେ ପହଁଞ୍ଚୁ ପହଁଞ୍ଚୁ ଟିକେ ବିଳମ୍ବ ହୋଇଯାଇଥିଲା । ସେତେବେଳକୁ ବାପା ବହୁତ ବ୍ୟସ୍ତ ହୋଇପଡ଼ିଥିଲେ ଓ ମୋ ବାଟକୁ ଚାହିଁ ବସିଥିଲେ । ମୋତେ ଦେଖି ସେ କାନ୍ଦି ପକାଇଥିଲେ । ସତରେ, ଏପରି ସ୍ନେହ କେବଳ ବାପା, ବୋଉଙ୍କ ଠାରୁ ହିଁ ମିଳିପାରେ । ଏହିପରି ଅସରନ୍ତି ସ୍ମୃତି ଓ ଅନୁଭୂତି, ଯାହାକି ଶେଷ ନିଶ୍ୱାସ ପର୍ଯ୍ୟନ୍ତ ମୋର ହୃଦୟରେ ଉଜ୍ଜୀବିତ ହୋଇ ରହିଥିବ ।

ଚାହୁଁ ଚାହୁଁ ବର୍ଷଟିଏ ପୂରିବାକୁ ହେଲାଣି, ହେଲେ ବାପାଙ୍କର ଶୂନ୍ୟସ୍ଥାନ ହୃଦୟକୁ ପୂର୍ବପରି ଅଶେଷ ଯନ୍ତ୍ରଣା ଦେଉଛି । ଜୀବନର ଗତିପଥ ତ ବଦଳି ଯାଇଛି, ଏ ଜୀବନ ଆଉ ପୂର୍ବପରି ହେବନି । ହଁ, ଯାହାକୁ ପରିବର୍ତ୍ତନ କରି ହେବ ନାହିଁ, ତାହାକୁ ଗ୍ରହଣ କରିବାକୁ ଶିଖିବାକୁ ପଡ଼ିବ । ସମୟ ହିଁ କହିବ ଆଉ କେତେ ଦିନ ଲାଗିବ । ଯଦିଓ, ଛାତ ନାହିଁ, କିନ୍ତୁ କାନ୍ଥର ସାହାରରେ ମନକୁ ବୁଝେଇ ପୁଣି କିଛି ବାଟ ଚାଲିବାକୁ ପଡ଼ିବ ।

# ମୋର ପ୍ରଥମ ହାଟଦେଖା




**ଆଦିତ୍ୟ କୁମାର ସାହୁ**

ବି-୫, ଏଲୋରା, ଅଣୁଶକ୍ତି ନଗର, ମୁମ୍ବାଇ


ଏଇଟା ହେଉଛି ମୋର ପିଲାଦିନର କଥାମାନଙ୍କ ମଧ୍ୟରୁ ଗୋଟିଏ । ସେତେବେଳେ ମୁଁ ପ୍ରଥମ ଶ୍ରେଣୀରେ ପଢୁଥାଏ । ପ୍ରାଇମେରି ସ୍କୁଲର ଛାତ୍ରଛାତ୍ରୀମାନେ ସାଧାରଣତଃ ଶ୍ରେଣୀରେ ଶିକ୍ଷକ ନଥିଲା ବେଳେ ଚୁପ୍ ହୋଇ ବସିପାରିନ୍ତିନି । ତେଣୁ ଆମ୍ଭେ ପ୍ରଥମ ଶ୍ରେଣୀର ଛାତ୍ରମାନେ ସେଥିରୁ ବାଦ୍ ଯିବୁ ବା କିପରି ? ଆମ୍ଭମାନଙ୍କର ପାଟିତୁଣ୍ଡ ଯୋଗୁ ବେଳେ ବେଳେ ଚନ୍ଦାମୁଣ୍ଡିଆ ଓ ଚଷମାପିନ୍ଧା ଶିକ୍ଷକ ମହାଶୟ ବିରକ୍ତି ହୋଇ ମାଡ଼ି ଆସନ୍ତି ଓ ବଡ଼ ପାଟିରେ ଗାଳିକରନ୍ତି, "ହ୍ୟାପ୍ ଏଠି ହାଟ ବସାଇଛ ? ଛତରା ଗୁଡ଼ାକ, ରୁହ ତମମାନଙ୍କୁ ମଜା ଚଖାଉଛି ।" ତାହା ସହିତ ତାଙ୍କ ହାତରେ ଥିବା ବେତଟା ମଧ୍ୟ କାମରେ ଆସିଯାଏ । ଆଉ ସେତେବେଳେ ଛୋଟ ବଡ଼ କିଛି ପ୍ରଭେଦ ରହେ ନାହିଁ । ସେଇଟା ତ ମାଡ ନଥାଏ, ବରଂ ଶିକ୍ଷକଙ୍କ ଭାଷାରେ ଥିଲା "ମିଠେଇ" । ଯେହେତୁ ମୁଁ ଜଣେ ମାର୍କାମରା ଦୁଷ୍ଟ ପିଲା ଥିଲି ମୋ ଭାଗରେ ପ୍ରସାଦଟା ଟିକେ ଅଧିକ ପଡ଼ିଯାଉଥାଏ । ମାଡ଼ ପଡ଼ିଥିବା ହାତରେ ଲୁହ ପୋଛୁ ଥିଲାବେଳେ ମୁଁ ଭାବୁ ଥାଏ ଯେ "ହାଟଟା ସତରେ କେମିତ ମ, ତା" ନାଆଁନେଇ ଆମକୁ କାହିଁକି ଏତେ ମାଡ଼ ପଡୁଛି ? ତାକୁ ଦିନେ ଦେଖିବାକୁ ହେବ ।" କାରଣ କଣକି, ସେତେ ଦିନ ପର୍ଯ୍ୟନ୍ତ ମୁଁ ହାଟ କେବେ ଦେଖିନଥିଲି । ତା ବ୍ୟତୀତ ଗାଁଆଁ ହାଟଟା ଶୁକ୍ରବାର ଦିନ ପଡୁଥିବାରୁ ସେ ଦିନ ସ୍କୁଲ ଛୁଟି ନଥାଏ ଏବଂ ସ୍କୁଲ ଛାଡ଼ି ହାଟ ଦେଖିବାକୁ କହିଲାମାନେ ବାପା ମୋତେ ସ୍କୁଲ ଠକ ମାରୁଛି କହି, ମାଡ଼ ଗୋଟିଏ ତଳେ ପଡ଼ିବାକୁ ଦେବେନି । ତେଣୁ ଏହି ଡ଼ରରେ ମୁଁ କେବେ ବାପାଙ୍କ ସହିତ ହାଟ ଦେଖିବାକୁ ଯିବାପାଇଁ କହୁନଥିଲି । ହେଲେ ହାଟ ଦେଖିବାକୁ ସୁଯୋଗ ଦେବା ପାଇଁ ମନେ ମନେ ଭଗବାନଙ୍କୁ ଡ଼ାକୁଥିଲି ।

ଯୋଗକୁ ଭଗବାନ ମୋ ଗୁହାରି ଶୁଣିଲେ ଓ କିଛି ଦିନ ପରେ ଦଶହରା ଛୁଟି ଆସିଲା । ପ୍ରାୟ ପନ୍ଦର ଦିନ ପର୍ଯ୍ୟନ୍ତ ସ୍କୁଲ ଛୁଟି ଥିଲା । ତେଣୁ ଗୋଟେ ଶୁକ୍ରବାର ଦିନ ହାଟ ଦେଖିଯିବା ପାଇଁ ମୁଁ ଅଳିକରି ବସିଲି ଓ ଟିକିଏ ମିଛକୁ ମିଛ କାନ୍ଦିଲି । ସେଦିନ ହଏତ ବାପାଙ୍କ ମୁଡ୍ ଟା ଭଲ ଥିଲା ନା କ'ଣ, ସେ ମୋ ଆଡ଼କୁ ଚାହିଁ ଅଧାକୋମଳ ସ୍ୱରରେ ପଚାରିଲେ "କାହିଁକି ହାଟ ଦେଖିବାକୁ ଚାହୁଁଛୁ ? ମୁଁ ଟିକେ ଡ଼ରି ଡ଼ରି କହିଲି ଯେ, ଆମେ କ୍ଲାସରେ ପାଟିତୁଣ୍ଡ କଲେ ଆମ ସାରେ ଆମକୁ କହୁଛନ୍ତି କି କ'ଣ ହାଟ ବସାଉଛ । ତେଣୁ ମୁଁ ଭାବୁଛି ହାଟଟା କ'ଣ ତାକୁ ଟିକିଏ ଦେଖିବି । ମୋ କଥା ଶେଷ ହେଉ ହେଉ ମୋ ଜେଜେ ମାଆ ବାପାଙ୍କୁ ଅଧା ବିରକ୍ତିଆ ସ୍ୱରରେ କହିଲେ, ଆରେ ସେଟାକୁ

ନେଇ ଥରେ ହାଟଟା ଦେଖାଇଦେ । ନହେଲେ ଦିନସାରା କେଁ କେଁ କରିବ" ତା'ପରେ ବାପା ମୁଣ୍ଡ ହଲାଇ କହିଲେ " ହଉ ଆସ । ହେଲେ ସାବଧାନ, କୌଣସି ଜିନିଷ କିଣିବା ପାଇଁ ଜିଦ୍ କରିବୁ ନାହିଁ ।"

ଏତେକ ଶୁଣିଲାପରେ ମୋ ମନ ବହୁତ ଖୁସ୍ । ଆଉ ଡେରି ନକରି ଘର ଭିତରକୁ ଡ଼ିଆଁ ମାରିଲି ଓ ଲୁଗାପଟା ମେଳରେ ଶହେ ଭାଙ୍ଗିଆ ମେଞ୍ଚାହୋଇ ପଡ଼ିଥିବା ହାପ୍ ସାର୍ଟଠାକୁ ହାଫ୍ପ୍ୟାଣ୍ଟ ଉପରେ ପିନ୍ଧି ପକାଇଲି । ତାପରେ ରେଡ଼ି ହୋଇ ବାପା ବାହାରିଲା ପୂର୍ବରୁ ମୁଁ ଦାଣ୍ଡ ପଟକୁ ଯାଇ ତାଙ୍କୁ ଅପେକ୍ଷା କଲି । ଏତିକି ବେଳକୁ ମୋ ପଡ଼ିଶାରେ ଥିବା ସାଙ୍ଗ ଅମିନ ଆସି ପହଞ୍ଚିଲା ଓ ପଚାରିଲା । "କୁଆଡ଼େ ଯାଉଛୁ" ? ମୋତେ ତ ସେତେବେଳକୁ ଗଡ଼ଜିତିଥିବା ଭଳି ଲାଗୁଥାଏ । ତେଣୁ ଟିକେ ଆଟିଙ୍ଗି ଦେଖାଇ କହିଲି "ମୁଁ ଆଜି ହାଟ ଦେଖିବାକୁ ଯାଉଛି ।" ସେ ପଚାରିଲା "କା ସାଙ୍ଗରେ" ? ମୁଁ କହିଲେ "ମୋ ବାପାଙ୍କ ସାଙ୍ଗରେ" । ସେ କହିଲା "ଆରେ, ହାଟରେ ତ ପକୁଡି ମିଳୁଥିବ" । ହେଲେ ତା ପାଇଁ ଆଣିବି କି ନାହିଁ କିଛି କହିଲା ନାହିଁ ଓ ତା' ନିଜ ବାଟରେ ଚାଲିଗଲା । କାରଣଟା ଅବଶ୍ୟ ଆପଣମାନେ ଅନୁମାନ କରିପାରୁଥିବେ । ବାପା ଘରୁ ବାହାରିଲାପରେ ମୁଁ ଗୋଟିଏ ଶାନ୍ତ ପିଲାଭଳି ତାଙ୍କ ସହିତ ଚୁପ୍ ହୋଇ ଚାଲୁଥାଏ । ହେଲେ ଡ଼ର ଲାଗୁଥାଏ ଯେ ବାପା କାଳେ ସ୍କୁଲ କିମ୍ବା ପାଠ ବିଷୟରେ ପଚାରିଦେବେ । ମନେ ମନେ ଭଗବାନଙ୍କୁ ଡାକୁ ଥାଏ । "ପ୍ରଭୁ, ବାପା ଯେମିତି ପାଠ ବିଷୟରେ କିଛି ନ ପଚାରନ୍ତୁ ।" ଗାଆଁରୁ କିଛି ବାଟ ଗଲାପରେ ଦୂରରୁ କିଛି ଗୋଟାଏ "ଘୋ-ଘୋ" ଶବ୍ଦ ଶୁଣାଗଲା ଓ ତାହା ଧୀରେ ଧୀରେ ବଡ଼ ରକମର ଜଣାପଡୁଥାଏ । ମୁଁ ବାପାଙ୍କୁ ପଚାରିଲି "ବାପା ଏଇଟା କଣ ଶୁଭୁଛି" । ବାପା କହିଲେ "ଏଇଟା ପରା ହାଟର ଶବ୍ଦ, ଆଉ ଆମେ ହାଟ ପାଖକୁ ଆସିଗଲେଣି" । ତା'ପରେ କିଛି ବାଟ ଗଲାପରେ ଶବ୍ଦଟା ଜୋରରେ ଆସୁଥିବା ଆଡ଼କୁ ଅନାଇଁ ଦେଖିଲି ଯେ ବହୁତ ଗୁଡ଼ାଏ ଲୋକ ଗୋଟିଏ ଜାଗାରେ ଅଛନ୍ତି । ବାପାଙ୍କୁ ପଚାରିଲି "ସେଇଠି ଏତେ ଲୋକ କ'ଣ କରୁଛନ୍ତି"? ବାପା କହିଲେ "ସେଇଟା ପରା ହାଟ, ଲୋକଙ୍କ ପାଟିତୁଣ୍ଡ କ'ଣ ଶୁଣି ପାରୁନୁ? ସେଇଠି ପରା ଜିନିଷ କିଣା ବିକା ହୁଏ" । ତା ପରେ ମୁଁ ବୁଝିଗଲି ଯେ, ଯେଉଁଠି ଗୁଡ଼ିଏ ଲୋକ ଏକାଠି ହୋଇ ପାଟିତୁଣ୍ଡ କରନ୍ତି ଓ ଜିନିଷ କିଣାବିକା କରନ୍ତି ସେଇଟାକୁ ହାଟ କୁହାଯାଏ । ତା'ପରେ ସାରଙ୍କ ହାଟ ବସାଇବା କଥା ମଧ ଧିରେ ଧିରେ ଅଳ୍ପ ଅଳ୍ପ ବୁଝାପଡ଼ିଲା । କିନ୍ତୁ ଆମେ ତ ଶ୍ରେଣୀରେ କିଛି ଜିନିଷ କିଣାବିକା କରୁନଥିଲୁ, ତାହେଲେ ସାରେ ଆମକୁ ହାଟ ବସାଇଛ ବୋଲି କାହିଁକି କହୁଥିଲେ ସେକଥା ମୁଁ ପୁରାପୁରି ବୁଝିପାରୁନଥିଲି ।

ତାପରେ ଆମେ ହାଟରେ ପହଞ୍ଚିଲୁ । ମୁଁ ଆଗରୁ ଏତେ ଗୁଡ଼ାଏ ଲୋକଙ୍କୁ ଏକାଠି ଖାଲି ଆମ ଗାଁଆଁ ଯାତ୍ରାରେ ଯାହା ଦେଖିଥିଲି । ତେଣୁ କୁତୁହଳ ବଶତଃ ବାପାଙ୍କୁ ପଚାରିଲି "ବାପା ହାଟଟା କ'ଣ ଗୋଟାଏ ଯାତ୍ରା" ? ବାପାମୋତେ ବୁଝାଇ ଦେଲେ ଯେ, ସେଇଟା ଯାତ୍ରାନୁହେଁ । ଏଠି କେବଳ ଜିନିଷପତ୍ର କିଣାବିକା ହୁଏ । ଗାଁ ଯାତ୍ରା ଭଳି ଏଠାକୁ କେଉଁ ଠାକୁର ଆସନ୍ତି ନାହିଁ । ଏଠି ଖାଲି ଆମ ଗାଆଁ ଲୋକ ନୁହେଁ, ଆଖପାଖର ଗାଆଁ ଲୋକମାନେ ମଧ୍ଯ ଜନିଷପତ୍ର କିଣା ବିକା କରନ୍ତି" । ତା'ପରେ ମୁଁ କାଳେ ହଜିଯିବି, ସେଥିପାଇଁ ମୋର ଗୋଟାଏ ହାତକୁ ଧରି ହାଟ ଭିତରେ ବୁଲାଇଲେ ଓ ଘରପାଇଁ ଦରକାର ଜିନିଷପତ୍ର କିଣିଲେ । ହାଟରେ ବେପାରିମାନେ ତାଙ୍କର ଦୋକାନ ଗୁଡ଼ାକ ଧାଡି କରି ବସାଇଥିଲେ । କିଏ ଜିନିଷ ଗୁଡ଼ାକ ଭୂଇଁ ଉପରେ ପାଲ କିମ୍ବା ପଟିଆ ପାରି ଖୋଲାରେ ତ କିଏ ଚାଳତଳେ ଛାଇରେ ଜିନିଷଗୁଡ଼ାକ ରଖିଥାନ୍ତି ।

ପନିପରିବା, ଫଳଜିନିଷ, ଲୁଗାପଟା, କଂସାବାସନ, ଚାଉଳ, ଡ଼ାଲି, ମୁଗ, ବିରି, ଶାଗ, ପାନ, ଗୁଡ଼ାଖୁ, ଦୋକତା ଓ ଶୁଖୁଆ ଇତ୍ୟାଦି ସବୁ ଭଳିକି ଭଳି ସଜ୍ଜାହୋଇ ରଖାହୋଇଥାଏ । ଏତେ ଗୁଡ଼ାଏ ଦୋକାନ ମୁଁ ଆଗରୁ କେବେ ଦେଖିନଥିଲି, ତେଣୁ ଏତେ ଗୁଡ଼ାଏ ଦୋକାନ ଏକାଠି ଦେଖି ମୋତେ ବହୁତ ଆଶ୍ଚର୍ଯ୍ୟ ଲାଗୁଥାଏ । ହେଲେ ଆଉ ଗୋଟାଏ ଜିନିଷ ମୁଁ ଦେଖିଲି ଯେ, ଲୋକମାନେ ପ୍ରାୟ ସବୁ ଦୋକାନୀଙ୍କ ପାଖରୁ ଜିନିଷ କିଣୁଥାନ୍ତି । ସେ ବଡ଼ ଦୋକାନୀ ହେଉ କି ଛୋଟ ଦୋକାନୀ ହେଉ, ଶାଗ କିମ୍ବା ଶୁଖୁଆ ବିକିଲା ବାଲାହେଉ, ସବୁ ଦୋକାନ ପାଖରେ କିଣିଲାବାଲା ଲୋକ ଠିଆହୋଇଥାନ୍ତି । ହାଟ ଦେଖି ମୁଁ ଏତେ ଖୁସି ହୋଇ ଗଲି ଯେ, ମୋ ପାଦ ଆଉ ଭୂଇଁରେ ଲାଗୁନଥାଏ । ଏବେ ମୋ ମନଟା ଭାରି ଉଛାଟ । ଭାବିଲି, ଘରକୁ ଗଲାପରେ ସାଙ୍ଗମାନଙ୍କୁ ହାଟ ବିଷୟରେ କହିବି । ଜିନିଷପତ୍ର କିଣି ସାରିଲାବେଳକୁ ଆମେ ହାଟର ଶେଷମୁଣ୍ଡକୁ ପହଞ୍ଚିଯାଇଥିଲୁ । ସେଠାରୁ ଅଳ୍ପଦୂରରେ ଗୁଡ଼ାଏ ଗାଇ ବଳଦ ଓ ଲୋକମାନକ ଏକାଠି ଦେଖି ମୁଁ ବାପାଙ୍କୁ ପଚାରିଲି, "ବାପା ସେଇଟା କ'ଣ ? ବାପା କହିଲେ 'ସେଇଟା ଗୋରୁହାଟ, ସେଇଠି ଗାଈ ବଳଦ କିଣା ବିକା ହୋଇଥାଏ ।" ମୁଁ ଗୋରୁ ହାଟ ଦେଖିବା ପାଇଁ ଅଳିକଲାରୁ ବାପା ମୋତେ ସେ ଆଡ଼କୁ ବୁଲାଇ ନେଲେ । ସେ ହାଟରେ ଦେଖିବାପାଇଁ ଖାସ୍ କିଛି ନଥିଲା । ଖାଲି ଗାଈ, ବାଛୁରୀ, ବଳଦ, କୁଟୁଡା ଓ ଛେଳି । ତେଣୁ ଆମେ ଅଳ୍ପ ସମୟ ମଧ୍ୟରେ ଗୋରୁ ହାଟର ଶେଷ ମୁଣ୍ଡରେ ପହଁଞ୍ଚିଲୁ । ସେଠି ମୁଁ ଦେଖିଲି ଯେ, କିଛି ଲୋକ ଗୋଟାଏ ଡ଼ାଳପତ୍ର ଛାମୁଣ୍ଡିଆ (ଆଗକାଳରେ ଭୋଜିଭାତ ପାଇଁ ଡ଼ାଳପତ୍ରରେ ତିଆରି ହୋଇଥିବା ଗାଉଁଲି ଟେଣ୍ଟ) ତଳେ ରୋଷେଇ କରୁଛନ୍ତି । ମୁଁ ବାପାଙ୍କୁ ପାଚାରିଲି, "ବାପା ଆଜି କ'ଣ ଏଠି ଭୋଜି ହେଉଛି" । ବାପା କହିଲେ 'ନାହିଁ, ଆଜି ଏଠି

କିଛି ଭୋଜି ନାହିଁ । ସେଇଟା ଗୋଟେ ହୋଟେଲ୍ । ସେଠି ଲୋକମାନେ ପଇସା ଦେଇ ଭାତ, ତରକାରୀ ଖାଇପାରିବେ । ସେତେବେଳେ ମୁଁ ବୁଝିଲିଯେ, ଯେଉଁଠି ପଇସା ଦେଇ ଭାତ ତରକାରୀ ଖିଆଯାଏ ତାକୁ ହୋଟେଲ କହନ୍ତି ।

ଗୋରୁ ହାଟ ଦେଖିସାରିଲାପରେ ବାପା କହିଲେ "ତୋ ହାଟ ଦେଖା ଆଜି ଏତିକି, ଏବେ ଘରକୁ ଚାଲ" । ତା'ପରେ ଆମେ ଘରକୁ ଫେରିବାକୁ ବାହାରିଲୁ । ହାଟ ଭିତରୁ ବାହାରିଲା ବେଳକୁ ଡ଼ାହାଣ କଡ଼ରେ ଗୋଟାଏ ଗୁଡ଼ିଆ ଜିନିଷ ଦୋକାନ (ଯାହାକୁ ଆଜିକାଲି ଜଳଖିଆ ଦୋକାନ କହୁଛନ୍ତି) ଥିଲା । ଗୁଡ଼ିଆ ଜିନିଷ ମାନେ ବରା, ଆଳୁଦମ୍, ମଟର ଘୁଘୁନି, ପିଆଜି, ପକୁଡ଼ି, ମିଠେଇ, ଗୁଲୁଗୁଲା ସବୁକୁ ଦୋକାନୀ ପସରାସାଜି ରଖିଥାଏ ।  ସେଗୁଡ଼ାକ ଦେଖି ମୋ ସାଙ୍ଗ ଅମିନ କଥା ମନେ ପଡ଼ିଲା । ଯଦିଓ ବାପାଙ୍କୁ କିଛି କିଣିବା ପାଇଁ କହିବାକୁ ମୋର ସାହସ ହେଉ ନଥାଏ, ତଥାପି ମୋ ଆଖି ଓ ମନ ଦୋକାନୀର ପସରାଆଡ଼କୁ  ବାରମ୍ବାର ଟାଣିହୋଇ ଯାଉଥାନ୍ତି । ଏପଟେ ବାପା ମୋ ହାତକୁ ଧରି ଘରଆଡ଼କୁ ଯାଣି ଟାଣି ନେଉଥାନ୍ତି ତ ସେପଟେ ସେ ମୁଁ ବାରମ୍ବାର ପଛଆଡ଼କୁ ମୁହଁ ବୁଲାଇ ବିକଳ ଭାବରେ ଗୁଡ଼ିଆ ଦୋକାନୀର ପସରା ଆଡ଼କୁ ଚାହୁଁଥାଏ । ବାପା ହୁଏତ ଜାଣିପାରିଲେ ନା କ'ଣ, ଟିକିଏ ଆକଟକରି ପଚାରିଲେ 'ସେ ଆଡ଼କୁ କ'ଣ ଦେଖୁଛୁ" ? ତାଙ୍କ କଥା ଶୁଣି ମୋତେ ଚଡ଼କ ପଡ଼ିଲା ପରି ଲାଗିଲା । ଭାବିଲି ଗଲା, ଆଜି ପକୁଡ଼ି ଖାଇବା ଯୋଗ ନାହିଁ । ହେଲେ ଟିକେ ସାହସ କରି ଓ ମୁହଁଟାକୁ କୁନୁମୁନିଆ କରି ବାପାଙ୍କ ହାତଟାକୁ ଟାଣି ଗୁଡ଼ିଆ ଦୋକାନ ଆଡ଼କୁ ଇସରା କଲି । ବାପା କଥାଟାକୁ ବୁଝିଲେ ମଧ୍ୟ ତାଙ୍କ ମୁରବି ପଣିଆ ସ୍ୱରରେ ପଚାରିଲେ "କ'ଣ ଦରକାର" ? ତାଙ୍କ କଥା ଶୁଣି ଡ଼ରରେ ମୋ ପାଟିରୁ କଥା ବାହାରିଲା ନାହିଁ, ବଡ଼ କଷ୍ଟରେ ଫଟା ପେଙ୍କାଳୀ ସ୍ୱର ଭଳି ମୋ ପାଟିର ବାହାରିଲା "ପଁ... କୁ ....ଡ଼ି  । ବାପା ଅଳ୍ପ ହସ ମିଶା ସ୍ୱରରେ ପଚାରିଲେ । 'କ'ଣ, ପକୁଡ଼ି ଖାଇବୁ" ? ମୁଁ ମୁଣ୍ଡ ହଲାଇ ଇସାରାରେ "ହଁ ବୋଲି ଜଣାଇ ଦେଲି । ତା'ପରେ ବାପାମୋତେ ଦୋକାନକୁ ନେଇ ଗଲେ ଓ ଦୋକାନୀକୁ ମୋ ପାଇଁ ପକୁଡ଼ି ଦେବାପାଇଁ କହିଲେ । ଦୋକାନୀ ଆମକୁ ଦେଖି ଖୁସିହେଲା ଓ ବେଞ୍ଚ ଭଳି ଗୋଟାଏ ଜିନିଷ ଉପରେ ବସିବା ପାଇଁ କହିଲା  । ମୁଁ  ତରତର ହୋଇ ବେଞ୍ଚ ଉପରେ ବସିଗଲି ହେଲେ ବାପା ତା'ଉପରେ ନବସି ଠିଆ ହୋଇ ରହିଲେ । ମୁଁ ବାପାଙ୍କୁ ବସିବା ପାଇଁ ଅଳି କଲାରୁ ସେ କହିଲେ "ତୁ ବସ, ମୁଁ ବସିଲେ ମୋ ଲୁଗା ଚିରିଯିବ" । ଆପଣମାନେ ଆଶ୍ଚର୍ଯ୍ୟ ହେଉଥିବେ ଯେ, ବେଞ୍ଚ ଉପରେ ବସିଲେ ପିନ୍ଧିବା ଲୁଗା କିପରି ଚିରିଯିବ । କିନ୍ତୁ ମୁଁ ବୁଝାଇ ଦେଉଛି । ହାଟୁଆ ଗୁଡ଼ିଆ ଦୋକାନରେ ବେଞ୍ଚ ଦୁଇଟା ଖୁଣ୍ଟି ଉପରେ ଗୋଟାଏ ପଟାଭଳିଆ କାଠ ରଖି ବସିବା ପାଇଁ ଭାଡ଼ି ଭଳିଆ ଯେଉଁ ଯୋଗାଡ଼ ହୋଇଥାଏ

ତାଙ୍କୁ ବେଞ୍ଚ ବୋଲି କୁହାଯାଏ । କିନ୍ତୁ ସେ ଦିନ ଦୋକାନର ଭାଡ଼ିରେ ପଟା ବଦଳରେ ଗୋଟାଏ ପୁରୁଣା ଓ ପୋକ ଖାଇ ଖାଇ ଜାଲ ଭଳି ହୋଇଯାଇଥିବା  କାଠଗଣ୍ଡିଟାଏ ଖଞ୍ଜାଯାଇଥିଲା । ଅବଶ୍ୟ ପଟାଟାକାଳେ ଚୋରି ହୋଇଯିବ, ତେଣୁ ଦୋକାନୀ ଜାଣି ଶୁଣି ଗୋଟାଏ ପୋକଖିଆ କାଠ ଖଞ୍ଜି ଦେଇଥିଲା । ତେଣୁ ପୋକ ଖିଆ କାଠ ଉପରେ ବସିଲେ ଲୁଗା ଚିରିଯିବ ଏଇଟାକୁ ନାହିଁ କରିହେବନି । ଦୋକାନରେ ଆଉ ଗୋଟାଏ ଅଳ୍ପ ପୋକଖିଆ କାଠର ବେଞ୍ଚ ଥିଲା ଓ ଆମେ ଆସିବା ଆଗରୁ ଦୁଇଜଣ ଲୋକ ତା'ଉପରେ ଯୁକ୍ତି ବସି ବରା ଓ ଘୁଘୁନି  ଖାଉଥିଲେ । ତାଙ୍କ ମଧ୍ୟରୁ ଜଣେ ଦୋକାନୀକୁ କହିଲା, "ମିଛୁଆ ଭାଇ, ବରାଟା ବହୁତ ଭଲ ଲାଗୁଛି । ଆଉ ଟିକିଏ ଘୁଘୁନି ଦେଲ" । ମୁଁ ଦେଖିଲି ଦୋକାନୀ ଗୋଟାଏ ବଡ଼ ଡଙ୍କା ନେଇ ଅଳ୍ପ କିଛି ଘୁଘୁନି ସେ ଲୋକଙ୍କର ଚଉତିରେ ଢ଼ାଳିଦେଲା ('ଚଉପତିକୁ ଆମ ଆଡ଼େ 'ଚଉତି' ବୋଲି କିଛି ଲୋକ କହନ୍ତି) ଓ  ତା'ପରେ ଆଉ ଗୋଟାଏ ଚଉତିରେ କିଛି ପକୁଡ଼ି ଆଣି ମୋତେ ଦେଲା । ଚଉତିଟା ମୋ ହାତରେ ପଡ଼ିବା ମାତ୍ରେ, ମୁଁ ଆଉ ଟିକିଏ ମାତ୍ର ଡ଼େରି ନକରି ଗୋଟାକ ପରେ ଗୋଟେ ପକୁଡ଼ି ମୋ ପାଟି ଭିତରକୁ ଠୁସି ଦେଲି, ପକୁଡ଼ି ଗୁଡ଼ାକ ମୋତେ ଏତେ ଭଲ ଲାଗୁଥିଲା ଯେ, ସେଥିରୁ କାହାକୁ ଟିକିଏ ବି ଦେବାକୁ ମୋ ମନ ହେଉ ନଥିଲା । ହେଲେ ବାପାଙ୍କୁ ଖୁସି କରିବା ପାଇଁ, ଅନିଳାସତ୍ତ୍ୱେ ମୁଁ ତାଙ୍କୁ କିଛିଟା ଖାଇବା ପାଇଁ ଉପର ଠାଉରିଆ ଭାବେ ଅନୁରୋଧ କଲି । ହେଲେ ବାପା ମୋ ମନକଥା ଜାଣିପାରିଲେ ନା କ'ଣ, ସେ କିଛି ନଖାଇ ମୋତେ ସବୁ ଖାଇବା ପାଇଁ କହିଲେ । ତାପରେ ମୁଁ ଖୁସି ମନରେ ପକୁଡ଼ି ଖାଇବାରେ ଲାଗିଗଲି । ମୋ ପକୁଡ଼ି ଖିଆ ସରିଲାପରେ ବାପା  ଦୋକାନୀକୁ ପଇସା ଦେଲେ ଓ ତା'ପରେ ଆମେ ଘରକୁ ଫେରିଲୁ ।

Drawing made by





Mayetrei   Pretiparna   Soham



# ଜେଜେମାଆରୁ ନାତୁଣୀ ପର୍ଯ୍ୟନ୍ତ

ଅଞ୍ଜଳି ଆଚାର୍ଯ୍ୟ
୨୧, ଗିର୍ନାର, ଅଣୁଶକ୍ତିନଗର

ସମୟ ଗଡ଼ି ଗଡ଼ି ଚାଲିଲା, ଆଧୁନିକ ଜମାନାର ଆର୍ବିଭାବ ହେଲା, ଚାଲିଚଳନ, ସଂସ୍କୃତି, ବେଶପୋଷାକ, ରହନସହନ, କଥା ବାର୍ତ୍ତା ସବୁଥିଲେ ପରିବର୍ତ୍ତନ ଦେଖିବାକୁ ମିଳିଲା । ପୀଢ଼ି ପରେ ପୀଢ଼ି ବିତି ଚାଲିଲା । ଆମ ପିଲାଦିନେ ଖରାଦିନ ଛୁଟିରେ ଆମେ ମାମୁଁଘର, ପିଇସୀଘର ଯାଇ ସମୟ ବିତାଉଥିଲୁ, କିନ୍ତୁ ଆଜିର ପିଲାମାନଙ୍କୁ ବନ୍ଧୁ ବାନ୍ଧବର ସଜ୍ଞା ଜଣା ନାହିଁ । ସମର୍ ହଲିଡ଼େ ଟ୍ରିପ୍ କହିଲେ ଭଲ ହେବ । ବଡ଼ ଭାଇ ଭଉଣୀର କପଡ଼ା ଛୋଟ ହୋଇ ଗଲେ ଆମ ସାନ ମାନଙ୍କୁ ପିନ୍ଧିବାକୁ ମିଳୁଥିଲା । ଏବେ Nuclear Family ବଜେ ସେ ଗୋଟେ ଗୋଟେ କପଡ଼ା untouched ରହିଯାଉଛି । ସାଙ୍ଗ ହୋଇ ବୋହୁଚୋରୀ, ଉଦୁଉଦୁମା, କବାଡ଼ିର ମଜ୍ଜା ନେଉଥିଲୁ, ହେଲେ ଆଜିକାଲିର ଦୁଇ ବର୍ଷର ପିଲାକୁ ମୋବାଇଲ ନ ଦେଲେ ଖାଦ୍ୟ ଖାଇପାରୁନି, ଏସି ନ ହେଲେ ଶୋଇପାରୁନି, ପୀଠା ପଣାର ସ୍ୱାଦ ଆଉ ପର୍ବପର୍ବାଣୀରେ ଶୁଙ୍ଗିବାକୁ ମିଳୁନି । Pizza, Burger, Cocacola ଉପରୁ ନଜର ହଟିଲେ ବଡ଼ କଥା ।

ମୋ ଜେଜେ ମା, ଶାଶୁ ଘରକୁ ଆସିଥିଲା ସବାରୀରେ, ମୋ ମାଆ ଶଗଡ଼ଗାଡ଼ିରେ ଏବଂ ମୁଁ କାର୍ ରେ ହେଲେ ମୋ ଝିଅ ଶାଶୁଘରକୁ ଗଲା Helicopter ରେ, ହେଲେ ମୁଁ ଭାବୁଚି ମୋ ନାତୁଣୀ ବାହାଘର ପରେ ଉଡ଼ିଯିବ ଅନ୍ତରିକ୍ଷକୁ । ମୋ ଜେଜେ ମା କାଳକ ବିତାଇଥିଲା ମାଟିଘରେ, ପକ୍କା ଘରେ ରହିଥିଲା ମୋର ମାଆ, ମୋଜାଇକ୍ ଘରେ ମୋର ସମୟ କଟିଲା, ଝିଅ ରହୁଚି ମାର୍ବଲ ଘରେ, କେଜାଣି ନାତୁଣୀ ବୋଧହୁଏ ବିତାଇବ Granite ର Mixture ଘରେ ।

ପୋଷାକ ବିଷୟରେ କ'ଣ ବା ଲେଖିବି ଖଦି ପିନ୍ଧିପିନ୍ଧି ଜେଜେମାଆର ସମୟ କଟିଲା, ମାଆ ମୋର ମଠା ଲୁଗା ପିନ୍ଧୁଥିଲା ଆଉ ମୁଁ କୁଞ୍ଚ କରି ପିନ୍ଧିଲି ଭଳି ଭଳି ରଙ୍ଗ ବେରଙ୍ଗର ଶାଢ଼ୀ ହେଲେ ମୋ ଝିଅ ସାଲୱାର କମିଜ୍, ନ ଜାଣେ ମୋ ନାତୁଣୀ Skinfit T shirt and Short ରେ ଦିନ କାଟିଦେବ । ମୋର ଜେଜେ ମା" ରାନ୍ଧୁ ଥିଲା କାଠଚୁଲ୍ଲାରେ, ମାଆ Heater ଏବଂ କୋଇଲା ଚୁଲ୍ଲାରେ, ମୁଁ ଗ୍ୟାସ୍ ରେ ମୋ ଝିଅ ରୋଷେଇ କରୁଚି microwave oven ରେ କିନ୍ତୁ ନ ଜାଣେ ମୋ ନାତୁଣୀ ବୋଧହୁଏ ଦିନ କାଟି ଦେବ ଡ଼ବା ଖାଦ୍ୟରେ ।

ଆଗ ଜମାନାରେ ଲୋକ କାନ୍ଧ କାଂଥ ବାଡ଼ ସହ କଥା ହେଲା ଭଳି ପତି ଦେବ ସହ କଥା ବାର୍ତ୍ତା କରୁଥିଲେ । କିନ୍ତୁ ଏବେ ହାୟ ହନି, ହାୟଜାନର ଶବ୍ଦରେ କାନ ବଧିରା ହୋଇଯାଉଛି । ଆମେ ମହିଳା ଓଢ଼ଣା ଦେଇ ବଡ଼ମାନଙ୍କ ସାଙ୍ଗରେ କଥା ହେଉଥିଲେ । ହେଲେ ଆଜିକାଲିର

ପିଲାମାନେ ସାଂବିଧାନିକ ଯୁକ୍ତିରେ କଥାବାର୍ତ୍ତା କରି ଚାଲୁଛନ୍ତି । ବାପାମାଆ ସହ ପିଲାମାନେ ରାସ୍ତାରେ ଚାଲିବେ ନାହିଁ । କାରଣ ସାଙ୍ଗମାନେ କହିବେ ମାଆର ପଲୁଛାଡ଼ି ପାରୁନି । ତା ସହ ସାଙ୍ଗ କିଏ ହେବ ? ବାପା ମାଆ ସହ କଦମ୍ ମିଳାଇ ଚାଲିଲେ ଇଜ୍ଜତ ମହତ୍ୱ ଚାଲିଯିବ, ଆତ୍ମ ନିର୍ଭରଶୀଳ ହୋଇ ପାରିବ ନାହିଁ ।

ବିଉଟି ବିଷୟରେ କ'ଣ କହିବି ଜେଜେ ମାଆ ଲଗାଉଥିଲା ବନମାଟି, ମାଆ ବଟାହଳଦୀ, ହେଲେ ମୋର ଦିନ କଟିଗଲା ସାବୁନ୍ ରେ , ମୋ ଝିଅ Face Wash ହେଲେ ନାତୁଣୀର ଦିନ କଟିବ Face Pack and Steaming କରିବାରେ । ଆଗେ ମହିଳାମାନଙ୍କୁ କୁହାଯାଉଥିଲା ପିଲା କରିବାର ମେସିନ୍ ହେଲେ ଆଜିକାଲି ମହିଳା ଖୋଜୁଛନ୍ତି ଭଡ଼ାରେ ଜରାୟୁ ସତରେ କେତେ ଫରକ । ସମସ୍ତେ ଆତ୍ମନିର୍ଭରଶୀଳ ହେବାର ଯେ ନତିଜା । ଆଜିକାଲି Test tube and surrogacy baby ର ଜମାନା ଆସିଗଲା । ଆଉ ସବୁଠାରୁ ଭୟ ଯେ Single Parent, ତେବେ ସେ ପିଲା କିପରି ମା ଓ ବାପାର ମୂଲ୍ୟ ବୁଝିବ କିମ୍ବା ମା ବାପା ର ସ୍ନେହ ପାଇବା ।

ବାପା ମାଆ ପାଳିକରି ଛଅ ଛଅ ମହିନା ଆସି ପିଲା ପାଖରେ ରହୁଛନ୍ତି । କିନ୍ତୁ କିଏ ଜାଣେ ଆମ ନାତୁଣୀ ତା ବାପା ମାଆ ପାଇଁ ଅଗ୍ରିମ ବୃଦ୍ଧାଶ୍ରମରେ ବୁକିଙ୍ଗ ସାରିବଣୀ । ଏହିପରି ବଦଳି ଯାଉଚି ସବୁକିଛି ସମୟର ସ୍ରୋତରେ । ଲାପ୍ ଟପ୍ ଖୋଲିବାକୁ ଅଳସୁଆ ଲାଗିଲାଣି, କିଏ ଇ-ମେଲ୍ ଲେଖିବ ? WhatsApp ସବୁକିଛି ସହଜ କରିସାରିଲାଣି । ଦିନକୁ ଦିନ ଆମର Fitness କମିଗଲାଣି । ଆମେ ଅନେକ ଅଚିହ୍ନା ରୋଗରେ ଆକ୍ରାନ୍ତ ହେଉଛୁ । ପୁଣିବି ମଣିଷ ଅତ୍ୟାଧୁନିକ ଜିନିଷ ପଛରେ ପାଗଳ ପରି ଗୋଡ଼େଇ ଚାଲିଛି । ଭଲ ମନ୍ଦର ଫରକ ବୁଝିପାରୁନି । ହେ ଭଗବାନ ହେ ଜଗନ୍ନାଥ ତୁମେ ହିଁ ସାହା ଓ ତୁମେ ହିଁ ଭରସା ।

ଲାପ୍ ଟପ୍ , ମୋବାଇଲ, ସୋସିଆଲ ମେଡ଼ିଆ, ୱାଟସ୍ ଆପ୍ ରେ କୌଣସି ଅସୁବିଧା ନାହିଁ କିନ୍ତୁ ଆଧୁନିକତା ନାଁରେ ସଂଯୁକ୍ତ ପରିବାର, ଆପସରେ ବୁଝାମଣା ଓ ସୁଖ ଓ ଦୁଃଖ ବାଣ୍ଟିବା ନଯାଉ । ଗୋଟିଏ ବଡ଼ ସମସ୍ୟା ହେବା ପୂର୍ବରୁ ଆମେ ଆମ ଝିଅ, ପୁଅ, ନାତି ଓ ନାତୁଣୀକୁ ଭଲ କଥା ଓ କ'ଣ ଭଲ ଓ କ'ଣ ମନ୍ଦ ଚାଲ ଶିଖାଇବା ।

ଆଶା କରେ ଆମ ଝିଅ ଓ ନାତୁଣୀ, ପୁଅ ଓ ନାତି ଆମ ଠାରୁ ଅଧିକ ଓ ଭଲ ଶିକ୍ଷା ପାଇବେ, ଭଲରେ ରହିବେ, ଓ ସମାଜ ର କଲ୍ୟାଣ କରିବେ ।

# ସ୍ୱପ୍ନଟି ସତ ହେଲା : ଶ୍ରୀ ଜଗନ୍ନାଥ ରଥଯାତ୍ରା ୨୦୧୮ ଏକ ଅନୁଭୂତି ସଂକ୍ଷିପ୍ତରେ



ରଘୁନାଥ ଆଚାର୍ଯ୍ୟ
୨୧- ଗିର୍ନାର, ଅନୁଶକ୍ତିନଗର

ସୁଦୂର ମୁମ୍ବାଇ ସହରର ଅନୁଶକ୍ତି ନଗରରେ ସ୍ଥିତ ଭାଭା ପରମାଣୁ ଅନୁସନ୍ଧାନ କେନ୍ଦ୍ର ଓ ଆଣବିକ ଶକ୍ତିର ଅନ୍ୟାନ୍ୟ କେନ୍ଦ୍ର ଅବସ୍ଥିତ । ସେଇ ଅନୁଶକ୍ତି ନଗରରେ ଆମର ଓଡ଼ିଆ ବାସିନ୍ଦାଙ୍କର ଛୋଟ ସଂସ୍ଥାଟିଏ । ସେଇ ସଂସ୍ଥାର ବାର୍ଷିକ ମହୋତ୍ସବରେ ମୁଁ ଉପ-ସଭାପତି ହିସାବରେ ମୋର ବକ୍ତବ୍ୟ ପ୍ରଦାନ କଲାବେଳେ, ଯେତେବେଳେ ଘୋଷଣା କରିଥିଲି କି, ବହୁତ ଦିନର ସ୍ୱପ୍ନ ଶ୍ରୀ ଜଗନ୍ନାଥ ପୂଜା, ମନ୍ଦିର ଓ ରଥଯାତ୍ରା ... ଏବଂ ଏ ବର୍ଷ ଶ୍ରୀ ଜଗନ୍ନାଥ ଭଗବାନଙ୍କର ରଥଯାତ୍ରା କରିବା, ହଲ୍ ଟି ତାଳିରେ ଗୁଞ୍ଜି ଉଠିଥିଲା । ଓଡ଼ିଆ ଭାଇ-ଭଉଣୀଙ୍କର ଉତ୍ସାହ ମୋ ମନରେ ସାହସ ଭରି ଦେଇଥିଲା । ଦେଖୁ ଦେଖୁ ଦୁଇମାସପରେ ଆଷାଢ଼ ମାସ ଆସି ପହଞ୍ଚି ଯାଇଥିଲା । ମାସେ ପୂର୍ବରୁ ଆମର ମିଟିଙ୍ଗ୍ ବସିଥିଲା । ସତରେ କ'ଣ ରଥଯାତ୍ରା କରିପାରିବା ? ସବୁ ସଦସ୍ୟ ରାଜି ହେଲେ ଓ ଉଚ୍ଚ ଚାନ୍ଦା ଦେବା ପାଇଁ ରାଜି ହୋଇଥିଲେ ଯାହା ଫଳରେ ଆମେମାନେ ଆଗେ ବଢ଼ିବାକୁ ସାହସ କଲୁ । DCSEM/DAE ର ଅନୁମତି ନେଲୁ । ୧୫ ଦିନ ଲଗାତର ବର୍ଷା ଚାଲିଲା । ବିଭିନ୍ନ ଟିମ୍ (କଲେକ୍ସନ ଟିମ୍, ରଥ ଡ଼େକୋରେସନ୍ ଟିମ୍, ପୂଜା ଟିମ୍, ଲେଡିଜ୍ ଟିମ୍ ଏବଂ କ୍ୟାଟରିଙ୍ଗ୍ ଟିମ୍) ରେ ଲୋକଙ୍କୁ ଆମେ ଦାୟିତ୍ୟ ଦେଲୁ । ବର୍ଷା ଆଗରେ ଆମର କଲେକ୍ସନ ଟିମ୍ ହାର ମାନିଲେ ନାହିଁ । ସବୁ ଟିମ୍ ନିଜ ନିଜ କାମରେ କମର କସିଲେ । ବ୍ରାସ ବ୍ୟାଣ୍ଡର ସାହାଯ୍ୟ ଅତୁଳନୀୟ । ବ୍ରାସ ବ୍ୟାଣ୍ଡର ରଥ ଉପରେ ମୁଣ୍ଡି ମାରିବା ପାଇଁ ଜଣେ ବେଙ୍ଗଲୀ ବାବୁ ଆଗେଇ ଆସିଲେ । ଗୁଣ୍ଡିଚାର ଗୋଟେ ଦିନ ପୂର୍ବରୁ ଲେଡ଼ିଜ୍ ମାନେ ରଥସଜ୍ଜାପାଇଁ ମାଳା ବନେଇବାକୁ ଲାଗିଲେ, ଗୁଣ୍ଡିଚାର ଗୋଟେ ଦିନ ପୂର୍ବରୁ ଯେତେବେଳେ ରଥକୁ କଲୋନୀ ଭିତରକୁ ଆଣିବାକୁ ଗଲୁ, ରଥ ଚାଲୁନଥିଲା, ଖୁବ୍ ବର୍ଷାଯୋଗୁଁ ମେସିନ୍ ରେ ପାଣି ପସିଯାଇ ଥିଲା ।

ଭଗବାନ ଜଗନ୍ନାଥ ଆମ ଭକ୍ତଙ୍କର ପରୀକ୍ଷା ନେବାକୁ ଲାଗିଲେ । ସତେକ'ଣ ଦାସିଆ ବାଉରୀ ଶ୍ରୀଫଳ ନେଇ ରଥପାଖରେ ପହଞ୍ଚି ନ ଥିଲା ? ଭଗବାନଙ୍କ ଦୟାରୁ ଏବଂ ଆମର ଭଉଣୀ ଓ ଭାଇ ମାନଙ୍କର କଠିନ ପରିଶ୍ରମ ଯୋଗୁଁ ରଥ ଷ୍ଟାଟ୍ ହେବାକୁ ଲାଗିଲା । ୧୨ଟା ରାତିକୁ ରଥ ଯେତେବେଳେ ଆମ କଲୋନୀର ମୁଖ୍ୟ ଦ୍ୱାରରେ ପ୍ରବେଶ କଲା, ହୁଳହୁଳି, ଶଙ୍ଖଧ୍ୱନିରେ କଲୋନୀ

କମ୍ପି ଉଠିଲା । ଆହା କି ଆନନ୍ଦମୟ ସେ ଦୃଶ୍ୟ । ଡ଼େକୋରେସନ୍ ଗ୍ରୁପ୍ ରାତିଭରି ରଥକୁ ସଜାଇବାରେ ଲାଗିଲେ ।

ଜୁଲାଇ ୧୪ ତାରିଖ, ଗୁଣ୍ଡିଚା ଯାତ୍ରା ଦିନ ସକାଳ ୭ଟା ବେଳୁ ଭଗବାନଙ୍କର ପୂଜା ଷ୍ଟାଟ ହୋଇଗଲା । ଆମର ସଭାପତି ମହୋଦୟ (ଦମ୍ପତି) କର୍ତ୍ତାହୋଇ ପୂଜା ଆରମ୍ଭ କରିଥିଲେ । ୧୧ ବଜେ ପହଣ୍ଡି ବିଜେ, ଶଙ୍ଖ, ଖଣ୍ଡ, ହୁଳହୁଳିରେ ମନ୍ଦିର ପରିସର ନାଚି ଉଠିଲା । କୁନି କୁନି ପିଲାମାନେ ଓଡ଼ିଶୀ ନୃତ୍ୟରେ ଭଗବାନଙ୍କୁ ଖୁସି କରୁଥିଲେ । ଲୋକଙ୍କ ମନରେ କୋଳାହଳ, ଛେରା ପହଁରା ପରେ ରଥ ଗଡ଼ିଲା । ଖାଲି ଓଡ଼ିଆ ଭାଇ ଭଉଣୀ ନୁହେଁ, ସବୁ ସମ୍ପ୍ରଦାୟର ଲୋକମାନେ ରଥ ଟାଣିବାରେ ଯୋଗ ଦେଇଥିଲେ । ପ୍ରଥମଥର ପାଇଁ କଲୋନୀର ରାସ୍ତାରେ ଜଗନ୍ନାଥ ମହାପ୍ରଭୁଙ୍କର ରଥ ଗଡ଼ି ଗଡ଼ି ଚାଲିଲା । ଛୁଆପିଲାଠାରୁ ଆରମ୍ଭ କରି ବୁଢ଼ାବୁଢ଼ିଯାଏ ନାଚିବାକୁ ଲାଗିଲେ । ଓଡ଼ିଆ ଭଜନରେ ଆମର ଭକ୍ତମାନେ ଝୁମି ଉଠିଲେ । ପାଟଳିପୁତ୍ର ବିଲଡ଼ିଙ୍ଗ୍ ରୁ ବାହାରି, ହସ୍ତିନା ପୁର ରାଗମାଳା ହୋଇ ଆଲ୍ମୋରା ପାଖକୁ ଆସିଲେ । ପ୍ରାୟ ସାଢ଼େ ତିନି ଘଣ୍ଟା ରଥ କଲୋନୀରେ ବୁଲିଲା ପରେ ଆମର ସଂସ୍ଥାର ଅଫିସ୍ ରୁମ୍ରେ ଭଗବାନଙ୍କୁ ରଖାଯାଇଥିଲା । ଆମର ସ୍ଥାନୀୟ କାଳୀମାଁଙ୍କ ମନ୍ଦିରରେ ମହାପ୍ରସାଦର ବ୍ୟବସ୍ଥା କରାଯାଇଥିଲା । ସବୁଭକ୍ତଙ୍କ ମନରେ ଖୁସି ଆକାଶ ଛୁଇଁଥିଲା । ମୋଟାମୋଟି ଏକ ହଜାର ଭକ୍ତମାନେ ପ୍ରସାଦ ସେବନ କରିଥିଲେ, ସମସ୍ତେ ଖୁସି ମହାପ୍ରସାଦ ସେବନ କରି । ଭାବୁଥିଲୁ ରଥଯାତ୍ରା .... ପୁଣି ଚିନ୍ତା କଲୁ ବାହୁଡ଼ା ଯାତ୍ରା ପାଇଁ । ସମସ୍ତଙ୍କ ଉତ୍ସାହ ଦେଖି ଆମ କମିଟି ବାହୁଡ଼ା ଯାତ୍ରା ର ପାରମିଶନ DCSEM ଠାରୁ ନେଲା । ଗୁଣ୍ଡିଚାଠାରୁ ବାହୁଡ଼ା ଯାତ୍ରା (ଜୁଲାଇ ୨୨) ମଝିରେ ସାତଦିନ ପାଇଁ ପ୍ରସାଦର ବ୍ୟବସ୍ଥା ହୋଇଥିଲା । ପାଳିକରି ତିନି / ଚାରିଟା ପରିବାର ମିଶି ନିଜ ତରଫରୁ ପ୍ରସାଦର ବ୍ୟବସ୍ଥା କରିଥିଲେ । ସତେ ଯେମିତି ଲାଗିଲା ଆମେ ସାତ ଦିନର ଯାତ୍ରା ବା ମେଳାରେ ସାମିଲ୍ ହୋଇଛୁ । ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଭଗବାନଙ୍କ ପାଖରେ କୋଳାହଳ ପୁଣି ବାହୁଡ଼ା ଯାତ୍ରାର ବ୍ୟବସ୍ଥା ଚାଲିଲା । ପୁଣି ଆମର ଭାଇ ଭଉଣୀମାନେ ସ୍ୱ ଇଛା ରେ ଚାନ୍ଦା ଦେଲେ । ପୁଣି କଲୋନୀ ରାସ୍ତାରେ ରଥ ଗଡ଼ିଲା । ସେ ଆନନ୍ଦ ଯିଏ ଅଙ୍ଗେ ଲିଭେଇଥିବା, ସେ କହିପାରିବେ, ପୁଣି କୋଳହଳ, ନାଚ ଏବଂ ସଂକୀର୍ତ୍ତନ । ବାହୁଡ଼ାଯାତ୍ରା ପରେ ଭଗବାନ ଜଗନ୍ନାଥ, ବଡ଼ଭାଇ ବଳଭଦ୍ର ଏବଂ ସୁଭଦ୍ରାମାନଙ୍କୁ ଓଡ଼ିଆ ଅଫିସ୍ ଘରେ ସ୍ଥାପନ କରାଯାଇଛି । ତାଙ୍କୁ ରୀତିରିବାଜ ଅନୁସାରେ ଦିନକୁ ଦୁଇଥର ପୂଜା କରାଯାଉଛି । ଶ୍ରଦ୍ଧାଳୁମାନଙ୍କର ଶ୍ରଦ୍ଧା ଭାବ ଖୁବ୍ ଦେଖିବାକୁ ମିଳୁଛି । ସବୁ କମ୍ୟୁନିଟିର ଲୋକମାନେ ଭଗବାନଙ୍କର ଦର୍ଶନ ପାଇଁ ସକାଳେ ସନ୍ଧ୍ୟାରେ ଆସୁ ଛନ୍ତି । ଭଗବାନଙ୍କର ଅପାର କୃପାରୁ ଆଜିପର୍ଯ୍ୟନ୍ତ କୌଣସି ବାଧାବିଘ୍ନ

ଆସି ନାହିଁ । ଖାଲି ଭଗବାନଙ୍କର ମନ୍ଦିରଟିଏ ନାହିଁ । ବହୁତ ଚେଷ୍ଟା ଚାଲିଛି ମନ୍ଦିର ଟିଏ ପାଇଁ । ବହୁତ ଶୀଘ୍ର ଆମର ସ୍ୱପ୍ନର ମନ୍ଦିରଟିଏ, ଆସିପାରିବ, ଏହା ପାଇଁ ଜଗନ୍ନାଥଙ୍କ କୃପା ହିଁ ଆବଶ୍ୟକ ।

ଭଗବାନ ସ୍ଥାପିତ ହେଲା ପରେ ସେଇ ଯାଗାଟି ପବିତ୍ର ସ୍ଥାନ ପରି ମନେ ହେଉଛି । ସେଇ ଚକାଡ଼ୋଳା ସମସ୍ତଙ୍କୁ ସଦ୍ବୁଦ୍ଧି ଦେବେ ସମସ୍ତଙ୍କୁ ସୁସ୍ଥ ରଖିବେ ମୁଁ ଏତିକି କହିବି,

ଭାବ ବିନୋଦିଆ ଠାକୁର ସିଏ ଲୋ

କଥା ପଚାରିଲେ ଉତ୍ତର ଦିଏ ଲୋ

ପ୍ରଥମ ଥର ରଥଯାତ୍ରା ଆମ ପାଇଁ ଯଦିଓ ସ୍ୱପ୍ନ ଥିଲା, କିନ୍ତୁ ସ୍ୱପ୍ନ ସାକାର ହେଲାପରେ ବହୁତ କିଛି ପରିବର୍ତ୍ତନ ହୋଇ ଯାଇଛି । ଆମ ଜଗନ୍ନାଥ ପୂଜା ଲୋକଙ୍କପାଇଁ ସ୍ୱାଗତ । ଆମର ସମସ୍ତ ମେମ୍ବରମାନେ ଏକାଠି ଆସିଲେ ବହୁତ ସଂଖ୍ୟାରେ ଓ ଆର୍ଥିକ ସହଯୋଗ ଦେଲେ ଭରପୁର । ସମସ୍ତ ସିନିୟର ମେମ୍ବର ମାନେ ବହୁତ ସହଯୋଗ ଦେଲେ ଓ ଖୁସି ହେଲେ ଏତେବଡ଼ ସମାରୋହ ଦେଖି । ବହୁତ ଲୋକଙ୍କୁ ରଥର ଦଉଡ଼ି ଧରିବାକୁ ବା ଛୁଇଁବାକୁ ମିଳିଲା । ଆମର ମେମ୍ବର ମାନଙ୍କ ସଂପର୍କ ବଢ଼ି ଯାଇଛି ଓ ସମସ୍ତଙ୍କ ମନରେ ଉତ୍ସାହ ଭରିଯାଇଛି । ଆମଙ୍କୁ ଜଗନ୍ନାଥଙ୍କ ଦର୍ଶନ ଓ ଭଜନ କରିବାକୁ ସୁବିଧା ମିଳିପାରୁଛି । ଏହାର ସଫଳତା ପଛରେ ବହୁତ ଲୋକଙ୍କ ହାତ ଅଛି । ....... ଆମର ସମସ୍ତ ଘରର ଲକ୍ଷ୍ମୀ ମାନଙ୍କ ସ୍ୱତ ପ୍ରବୃତ ସାହାଯ୍ୟ ଏବଂ ସମସ୍ତ ସ୍ୱେଚ୍ଛାସେବୀ (ଓଡ଼ିଆ ଓ ଅଣଓଡ଼ିଆ) ... ଆପଣମାନଙ୍କ ଆଶୀର୍ବାଦ ଓ ସହଯୋଗ ଆଶାରେ ... ପୁଣିଥରେ ଆମେ ଆନନ୍ଦ ନେବା ୨୦୧୯ ରେ ..... ଜୟ ଜଗନ୍ନାଥ । ଆମର ଇଚ୍ଛା........

ସର୍ବେ ଭାବନ୍ତୁ ସୁଖିନଃଆ
ସର୍ବେ ସନ୍ତୁ ନିରାମୟ
ସର୍ବେ ଭଦ୍ରାଣୀ ପଶ୍ୟନ୍ତୁ
ମା କଶ୍ଚିତ ଦୁଃଖ ଭାକରବେତ୍
ଓଁ ଶାନ୍ତି ଓଁ ଶାନ୍ତି ଓଁ ଶାନ୍ତି

# ରଜ ମଉଜ



ସସ୍ମିତା ଦାଶ
ନାଲକୋ ନଗର, ଅନୁଗୁଳ

ଆସିଲାଣି ରଜ ହୋଇ ସଜବାଜ
ସଭିଏଁ କରିବା ମଉଜ
ନୂଆ ଜାମା ପିନ୍ଧି ଦୋଳି ଖେଳିବାଟି
ଫିଙ୍ଗିଦେଇ ସବୁ ମନରୁ ବୋଝ
ଅଳତାର ଧାରେ ଧାରେ
ନୂପୁରର କିଣି କିଣି ସୁରେ
ସତେ ଅବା ଅଳସୀ କନ୍ୟାଟି
ଭେଟିବାକୁ ଚାହେଁ ମୌସୁମୀକୁ ।
ଛୁଆ ବୁଢ଼ା ବୁଢ଼ୀ ଅବା ଭୁଆସୁଣୀ
ସମସ୍ତଙ୍କୁ କରି ଖୁସି
ଗ୍ରୀଷମକୁ ଛାଡ଼ି ଶୀତଳତା ଆଣି
ପହଞ୍ଚି ଯାଏ ସେ ଆସି
ଆମ୍ବ ପାଚିଲା ପଣସ ପାଚିଲା
ବାସନାରେ ତାର ଲାଳ ଗଡିଲା
ଦ୍ୱିପହରରେ କାହା ଅଗଣାରେ
ତାସ୍ ଖେଳର ମଜ୍ଜା ଜମିଲା ।
ଆରିଷା କାକରା ଆଉ ପୋଡ଼ପିଠା
ଘର କରୁଥାଏ ମହକ
ମାଉଁସ ଭାତକୁ ଖାଇ ପେଟ ବୋଧ
ମିଠା ପାନ ପାଇଁ ମନ ସଅକ
ତିନି ଦିନ ରଜ ସରିଗଲା ପରେ
ବସୁମତୀ କରି ସ୍ନାନ
ଉର୍ବର ଫସଲ ଉପୁଯାଇବାକୁ
ସଭିଏ ବଳାନ୍ତି ମନ ।

# ମାୟାରେ ବାୟା



**ସଲ୍ଲିଳା ବିଶ୍ୱାଳ**

ସଞ୍ଜୁଆ କାର୍ତ୍ତିକର ସିତୁଆ ପବନ ଦେହକୁ ଶିହାରାଇ ଦେଲା ବେଳକୁ, ଭାବନାର ଅଡୁଆ ସୂତାରୁ ଖିଅଟିଏ ପାଇବାକୁ ମୁଁ ଚେଷ୍ଟା କରୁଥିଲି । ବୟସର ଅଙ୍କବଙ୍କା ରାସ୍ତାରେ ଚାଲି ଚାଲି ରିମ୍ -ଝିମ୍ ଖରା, ଟିପ୍ ଟିପ୍ ବର୍ଷା, ଏଭଳି ଅନେକ ଋତୁ ଅତିକ୍ରମ ହୋଇଛି । ଜୀବନ ରୂପକ ପଦ୍ୟରେ, ହାଇଫେନ୍, କମା ଓ ପୂର୍ଣ୍ଣଚ୍ଛେଦର ଅର୍ଥକୁ ଏ ପର୍ଯ୍ୟନ୍ତ ଖୋଜିବାକୁ ଚେଷ୍ଟା କରିନି ।

ଆଜି ସକାଳୁ ବୋଉ ଠାରୁ ଶୁଣିଲି, କାଲି ଅଂଶୁ ଆସୁଛି । ତା ଜେଜେ ମାଙ୍କ ଅସୁସ୍ଥତାର ଖବର ପାଇ । ସେତେବେଳଠୁ ଏତେ ବର୍ଷ ପରେ ହଠାତ୍ ଜଣା-ଅଜଣାକୁରେ ଜୀବନର ସମୀକ୍ଷା କରିଚାଲିଛି ।

"ଅଂଶୁ", ଏଇ ନାଁଟି ସହିତ ମୋର କାହିଁ କେଉଁ ଜନ୍ମର ପରିଚୟ । ଆମରି ଗାଁରେ ସେ ବଢ଼ିଛି । ମୋର ସାଥି ଓ ସହପାଠିନି । ନବଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଲା ପରେ, ସେ ସହର ଚାଲିଯାଇଛି ତାର ବାପା ମାଙ୍କ ସହିତ । ପ୍ରତ୍ୟେକ ମଣିଷ ନିଜ ନିଜର ଗନ୍ତବ୍ୟ ପଥରେ ଆଗକୁ ଆଗକୁ ମାଡ଼ି ଚାଲିଛି କିଛି ସ୍ୱପ୍ନର ଅନୁ-ସନ୍ଧାନରେ । ଆଉ ଚଲାପଥରେ ସାଉଁଟି ନେଉଛି କିଛି ଖଟା-ମିଠା ସ୍ମୃତି ଓ ଅନୁଭୂତି । ବାଲି ଖେଳରୁ ଆରମ୍ଭ କରି କୈଶୋର ଜୀବନର ଚଞ୍ଚଳତାର ଦିନ ଗୁଡ଼ିକର ମୋର ସାଥି ଥିଲା ଅତି ଆପଣାର ଅଂଶୁ । ସେଇ ଦିନ ଗୁଡ଼ିକୁ ବିଶ୍ଳେଷଣ କଲେ ଶାନ୍ତ ଶୀତଳ ମାନସପଟ୍ଟରେ ଗୋଟିଏ ଅଭିନବ ଭଉଁରୀ ସୃଷ୍ଟି ହୁଏ । କେତେ ମାନ ଓ ଅଭିମାନ, କେତେ ହସ କାନ୍ଦ, କେତେ କଳି-ଅଳି ଓ ଅର୍ଦ୍ଦଳୀ ଏବଂ କେତେ ଅପେକ୍ଷା ଉପେକ୍ଷାର ମୂକ ସାକ୍ଷୀ ଏଇ ଗାଁର ଧୂଳୀ-ମାଟି ଓ ପଥର । ଦୀର୍ଘ ଦିନର ବିଚ୍ଛେଦ ପରେ, ଆଜି ମୁଁ ଅସ୍ଥିର ହୋଇପଡ଼ୁଛି, ମୋର କୋମଳ ହୃଦୟର ଅବିଚ୍ଛିନ୍ନ ଅଂଶ । ଅଂଶୁର ଗୋଟିଏ ମାତ୍ର ଝଲକ୍ ପାଇବାକୁ । ବହୁତ ବଦଳି ଯାଇଥିବ ସେ ବୋଧହୁଏ । ସୌମ୍ୟ, ସୁଭାଷି, ସୁହାସିନି ଅଂଶୁ, ଅଧା ଓଡ଼ିଆ, ଅଧା ଇଂରାଜୀରେ କଥା କହୁଥିବ । ଶୁଣିଛି ସେ କୁଆଡେ ଗୋଟିଏ ବଡ଼ ଅର୍ନ୍ତଜାତୀୟ କମ୍ପାନୀରେ ଖୁବ୍ ଉପରେ ପାହ୍ୟାରେ ଚାକିରି କରୁଛି । ଯାଉଣୁ ଆସୁଣୁ ତାକୁ ଶହେ ଲୋକ ସଲାମ କରୁଥିବେ । ମୁଁ ଜଣେ ସାମାନ୍ୟ କିରାଣୀ ଚାକିରୀ କରୁଥିବା ମଣିଷଟିଏ । ତା ମୁଣ୍ଡକୁ କ'ଣ ମୋ ହାତ ପାଇବ ? ସେ କ'ଣ ମୋତେ ଚିହ୍ନିବି ? ନା ତାର ସମ୍ମାନରେ ଆଞ୍ଚ ଆସିବ ବୋଲି, ଚିହ୍ନି, ନ ଚିହ୍ନିଲା ପରି, ମୋତେ ଦେଖି ଅନ୍ୟତ୍ର ମୁହଁ ବୁଲାଇ ଦେବ ? ଆରେ ରୁଦ୍ର, ତୁ ଏ କ'ଣ ସବୁ ଭାବିଯାଉଛୁ ? ଟ୍ରେନ ଭଳି ଚାଲୁଥିବା ଭାବନାରେ ପୂର୍ଣ୍ଣଚ୍ଛେଦ ପକାଇ ମୋର ଅନ୍ତରାତ୍ମାରୁ ଏହି ଆବାଜ୍ ଆସିଲା । ଯିଏ ଯାହାର ସିଏ ପରା ତାହାର । ସୁନାରି ସୁନାକୁ ଚିହ୍ନିଲା ପରି, ବଣିଆ ହିରାକୁ ଚିହ୍ନିଲା ପରି, ହୃଦୟଟି ହୃଦୟକୁ

ଚିହ୍ନିବାରେ ତିଳେ ମାତ୍ର ଭୁଲ୍ କରି ନପାରେ । ମନ ପବନ ଘୋଡ଼ାରେ ଚଢ଼ି ଭାବନାର ରାଜ୍ୟରେ ଦୌଡ଼ିଦୌଡ଼ି ଆଖିରୁ ମୋର ନିଦ ହଜିଯାଇଥିଲା । ଉଦ୍ବେଗ ଭରା ମନକୁ ମୋର ଅସଂଖ୍ୟ ଭାବନା ଗୁଡ଼ିକ ବୁଢ଼ିଆଣି ଜାଲ ପରି ଏକା ସଙ୍ଗରେ ଆବରଣ କରି ନେଉଛନ୍ତି । ଯେତେ ସଜାଡ଼ିବାକୁ ଚେଷ୍ଟା କଲେ ବି ଆହୁରି ଆହୁରି ଅଡୁଆ ଭୋଇଯାଉଛି । ଅଂଶୁର ଆଗମନକୁ ଚାହିଁ ବସି ସମୟର ସ୍ରୋତରେ ଓଲଟା ଗଣନା କରିବାକୁ ଲାଗିଲି । ସକାଳ ହେବାକୁ ଆଉ ଅଳ୍ପ କେଇ ଘଣ୍ଟା ବାକି ଅଛି । ଧାବମାନ ଯାନ ସବୁ ଟ୍ରାଫିକ୍ ସିଗନାଲ ପାଖରେ ନାଲି ଆଲୁଅ ଦେଖି ଯେମିତି ହଠାତ୍ ସ୍ଥାଣୁ ପାଲଟି ଯାଆନ୍ତି, ସେହିପରି ମୋର ଅମାନିଆ ଭାବନା ସବୁ ମୋର ମନୋସ୍ଥିତିରେ କରୁଣା କରି, କିଛି ସମୟ ପାଇଁ ମୋତେ ଏକାକୀ ଛାଡ଼ି ବିଦାୟ ନେଲେ । କେତେବେଳେ ମୋର ଆଖି ଲାଗିଯାଇଛି, ଅବଚେତନ ମନ ମୋର ଭାସିଯାଇଛି - କାହିଁ କେଉଁ ଦିଗନ୍ତ ବନାନୀରେ । ଏମିତି ସ୍ୱପ୍ନର ରାଇଜରେ ବୁଲୁ ବୁଲୁ ତୃଷ୍ଣାତୁର ହୋଇପଡ଼ିଛି ମୁଁ । ଆଖ ପାଖ ପରିବେଶ ଚିହ୍ନା-ଚିହ୍ନା ପରି ଲାଗୁଛି । ହଁ ତଃ, ଏଇ ନିକଟରେ କେଉଁଠି ଅଛି ସେଇ ପାହାଡ଼ ଝରଣା, ଯାହାକୁ ମୁଁ ଅତୀତରେ ଭେଟିଥିଲି । ସୌନ୍ଦର୍ଯ୍ୟମୟ ତାର ପରିବେଶ, ବେଶ୍ ମନେ ପଡୁଛି ମୋର । ରମଣୀୟ ତାର ସୁଦୁର ଶେଜ, ସୃତୀ ମଧୁର ତାର ସେଇ କୁଳୁ-କଳୁ ଶବ୍ଦରେ ମୁଁ ଅନେକ ଥର ଆତ୍ମହରା ହୋଇଥିଲି । ଶୋଷର ଉଦ୍ଦାମ ଦାଉରୁ ନିଜକୁ ରକ୍ଷା କରିବା ପାଇଁ ପଡ଼ି-ଉଠି ଖୋଜି ଖାଜି ପହଁଚି ଗଲି ମୋର ସେଇ ପ୍ରିୟ ଝରଣା ନିକଟରେ । ସାମାନ୍ୟ ବ୍ୟତିକ୍ରମ ପରିଲକ୍ଷିତ କଲି ତାର ସେଇ ରମ୍ୟ ପରିବେଶ ଓ ପରିପାଟିରେ । ସେଇଟି ଗୋଟିଏ ହ୍ରଦ ଭଳି ପରିଭାଷିତ ହେଉଥିଲା, ହଁ, ଏତେ ବର୍ଷ ପରେ ଭେଟ । ଗଛ, ଲତା, ମଣିଷ, ପାହାଡ଼, ପ୍ରକୃତି, ସବୁର ରୂପ-ରେଖରେ ପରିବର୍ତ୍ତନ ହେବାଟା ସ୍ୱଭାବିକ୍ । ତଥାପି ଅନା-ମନା ତାର ସେଇ ରୂପରେ ଲୁଚି ରହିଛି ଚିହ୍ନା-ଚିହ୍ନା ମୋର ସେଇ ପୁରୁଣା ବନ୍ଧୁର ମହକ । ଆଉ କାଳ ବିଳମ୍ବ ନ କରି ଖୁସିରେ ଗଦ୍ ଗଦ୍ ହୋଇ ଆଞ୍ଜୁଳାଏ ପାଣି ଆଣି ପିଇବାକୁ ଚେଷ୍ଟା କଲି ସିନା, ହେଲେ ପିଇପାରିଲିନି । ସେ ନଥିଲା ମୋର ସେଇ ପ୍ରିୟ ପାହାଡ଼ି ଝରଣା । ସେ ଥିଲା । ଏମିତି ଗୋଟିଏ ହ୍ରଦ, ଯିଏ କି ସମୁଦ୍ରର ସଂସ୍ପର୍ଶରେ ଆସି ନିଜର ସତ୍ତା ହରାଇ ବସିଛି । ମୋର ଶୋଷ ଶୋଷରେ ହିଁ ରହିଗଲା । ଆକାଂକ୍ଷାର ଦୀପଟି ଚିର ଦୀନ ପାଇଁ ଲିଭିଗଲା । .... ବୋଉର ଡ଼ାକରେ ହଠାତ୍ ନିଦ ଭାଙ୍ଗିଲା । କିଛି ସମୟ ପାଇଁ ପ୍ରକୃତିସ୍ଥ ହୋଇପାରିଲିନି ମୁଁ । ଆଶ୍ଚର୍ଯ୍ୟ ହୋଇ ନିଜକୁ ପଚାରିଲି ଯାହା ସବୁ ଦୃଶ୍ୟ ଦେଖିଲି ତାହା କେବଳ କଳ୍ପନା, ନା ବାସ୍ତବିକତାର ପ୍ରତିବିମ୍ବ ? ତଥାପି ଚେଷ୍ଟା କଲି ସାକାରାତ୍ମକ ଅନୁଚିନ୍ତାରେ ବାରମ୍ବାର ନିଜକୁ ଉତ୍ପ୍ରେରିତ କରିବାକୁ । ସ୍ୱପ୍ନ କେବଳ ମନର ଆଇନାର ପ୍ରତିଫଳନ । ତେଣୁ ମନର ଅବାସ୍ତବ କଳ୍ପନା-ଯଳ୍ପନା କେବେ ସତ ହୁଏନି । ପୁଣି ଏମିତି ବି ଭାବନାରେ ଆସୁଥାଏ, ନିକଟ ଭବିଷ୍ୟତରେ ଯାହା ସବୁ ଘଟଣା ଅବା ଅଘଟଣା ଘଟିବାର ଥାଏ, ଅବଚେତନ ମନ ତାର ଆଭାସ ପାଇ ସ୍ୱପ୍ନ ମାଧ୍ୟମରେ ପରିପ୍ରକାଶ କରିଥାଏ ବୋଲି ।

ଏଇ ଭଳି ଅସଂମଯସରେ ରହି ଜାଣିବାକୁ ପାଇଲି ଯେ, ଅଂଶୁ ଆସି ତାଙ୍କ ଘରେ ପହଁଚିଛି ବୋଲି । ଭାବିଲି, ଯାଉଛି ଦୌଡ଼ି ଯାଇ ତାକୁ ଆଶ୍ଚର୍ଯ୍ୟ ଚକିତ କରି ପକାଇବି । କିନ୍ତୁ ମନ ସହିତ ପାଦର ସମନ୍ୱୟ ରହିଲାନି । ଅଟକି ଗଲା ମୋ ପାଦ । ପୁଣି ସ୍ଥିର କଲି, ଟିକେ ଅପେକ୍ଷା କରିବି । ମୁଁ ଯେମିତି ତାକୁ ଦେଖିବାକୁ ବ୍ୟାକୁଳ ହୋଉଛି, ଠିକ୍ ସେହିପରି ସେ ବି ମୋତେ ଟିକେ ଝୁରିବା ଉଚିତ୍ । ମୁଁ ମଧ କିଛି ସ୍ନେହ, ଆକୁଳତା-ବ୍ୟାକୁଳତାର ହକ୍କାର । ତା ପରେ ଯାଇ ମିଳନର ଅସଲି ମହକ ଆସିବ । ସେ ଦିନ ମୁଁ ଆଉ ତାଙ୍କ ଘରକୁ ଗଲିନାହିଁ ।

ବୋଉ ତାର ଭୁରି ଭୁରି ପ୍ରଶଂସା କରୁଥିଲା । କାନକୁ ସଜାଗ ରଖି ବୋଉର ଗୋଟି ଗୋଟି ଶବ୍ଦକୁ ବାରମ୍ବାର ତର୍ଜମା କରୁଥିଲି, କାଳେ କେଉଁଠି ଅଂଶୁ ପାଟିରୁ ମୋ ନାଁର ଉଲ୍ଲେଖ ହୋଇଥିବ ଭାବି । କିନ୍ତୁ ମୋତେ ନିରାଶ ହେବାକୁ ପଡ଼ିଲା । ନିଜକୁ ନିଜେ ବୁଝେଇଲି, ସେ ଏତେ ଦୂରରୁ ଆସିଛି, ହାଲିଆ ହୋଇଯାଇଥିବ । ତେଣୁ ଅଧିକ ସମୟ କଥା ହେବାଟା ସମ୍ଭବପର ହୋଇନଥିବ । ତେଣୁ ମୋ ବିଷୟରେ ପଚାରିବ ବା କେମିତି ? ଏମିତି ବି ହୋଇପାରେ କାଲି ସକାଳୁ ସକାଳୁ ସେ ସିଧା ଆସି ଆମ ଘରେ ହାଜର ହୋଇଯିବ । ଏମିତି ଭାବନାରେ ବୁଡ଼ିରହି ଦୁଇ ଦିନ ବିତିଗଲା । ମୁଁ ତାର ଅପେକ୍ଷାରେ ରହି ରହି ମୋର ଧୈର୍ଯ୍ୟର ବନ୍ଧଟି ଭାଙ୍ଗିଗଲା । ବୋଉକୁ ସିଧା ପଚାରିଲି । ଅଂଶୁ କ'ଣ ମୋ କଥା କିଛି ପଚାରୁଥିଲା କି ? ବୋଉ କହିଲା, "ପିଲା ବେଳ କଥା କ'ଣ ସେ ଆଉ ମନେ ରଖିଛି କି ? ତଥାପି ତୁ ଯାଇ ତାକୁ ଦେଖା କରି ଆସ୍" । ମୁଁ ସଙ୍ଗେ ସଙ୍ଗେ ତାଙ୍କ ଘରକୁ ବାହାରି ପଡ଼ିଲି । ରାସ୍ତାରେ ଚାଲୁ ଚାଲୁ ଭାବିଲି ଆଜି ତ ତାର ମୋର ବହୁତ ଝଗଡ଼ା ହେବ । ନିଜକୁ ଭାବିଛି କ'ଣ ସେ ? ଅଂଶୁ ଘର ଠାରୁ ଟିକିଏ ଦୂରରୁ ଦେଖିଲି, କଳା ଚଷମା ପିନ୍ଧି ତନୁ ପାତଳୀ ତରୁଣୀଟି ଗୋଟିଏ ଧୋବ ଫରଫର କାର ଭିତରେ ଯାଇ ବସିବାର । ସଙ୍ଗେ ସଙ୍ଗେ କାରଟି ଗୁରୁଗର୍ଜନ ଶବ୍ଦ କରି ମୋର ଉପସ୍ଥିତିକୁ ଖାତିର ନକରି ଧୂଳି ଉଡ଼େଇ କିଛି ସମୟ ମଧ୍ୟରେ ଅଦୃଶ୍ୟ ହୋଇଗଲା ଦୂର ଦିଗନ୍ତରେ । ପଛରେ ରହିଯାଇଥିବା ଆମ ଗାଁର ସେଇ ଆବଡ଼ା-ଖାବଡ଼ା ରାସ୍ତା ଯେମିତି ମୋତେ ଉପହାସ କରୁଥିଲା । ସମୟର ଚକ୍ରବ୍ୟୁହରେ ପଡ଼ି ଅଭିମନ୍ୟୁ ପରି ହୃଦୟଟା ମୋର ଛଟ-ପଟ ହୋଇ ବାହୁନୁଥିଲା । ଆଉ କହୁଥବଲା, ପଳାସ ଫୁଲରେ ସୁଗନ୍ଧ ଖୋଜିଲେ ଏଭଳି ଲହୁ-ଲୁହାଣ ହେବା ହିଁ ସାର । ସୁଦୂରରେ ଯୋଗୀଟିର କଣ୍ଠ ସ୍ୱରରେ ଭାଷି ଆସୁଥିଲା "ସବୁ ମାୟାରେ ବାୟା ....." ।

# ହେ କୃଷ୍ଣ ତୁମେ କାହିଁ ଗଲ

ସବିତା ଦାସ

ଗଣ୍ଡକି -୨୯, ଅଣୁଶକ୍ତି ନଗର

ହେ କୃଷ୍ଣ ତୁମେ ସକଳ ଶକ୍ତିର ଆଧାର

ତୁମେ ସକଳ ସୁଖର କାରଣ

ତୁମର ବନ୍ଦନା ବିନା ଏ ସଂସାର ହୁଏ ଆଜି ହାହାକାର

କାହିଁଗଲ ରକ୍ଷାକରି ପଥ, ପ୍ରଦର୍ଶନ କର

କରୁଣାର ବାରିଦେଇ ଆଲୋକିତ କର

ଏ ଦୁନିଆର କଳୁଷିତ କାମନାକୁ ଧୌତ କର

ହେ କୃଷ୍ଣ ତୁମେ କାହିଁଗଲ .....

କଳିର ଦିବାନଳରେ ଜଳୁଛି ଦୁନିଆଁ

ପ୍ରତିମୁହୂର୍ତ୍ତରେ ଜୀବନ ଲାଗୁଛି ଛାନିଆ ଛାନିଆ .....

ହେ କୃଷ୍ଣ ତୁମେ କାହିଁଗଲ .....

ତୁମ ବିନା ଏ ସଂସାରର ଜୀବମାନେ ହେଉଛନ୍ତି କଳବଳ ।

ଦୁଃଖର ଦରିଆରେ ପାପର ଲହରୀ ମାରେ

ଉବୁଟୁବୁ ଚାରିଆଡ଼େ ଭାସିଯିବାର ଭୟରେ,

ତୁମକୁ ହିଁ ଆଶ୍ରାକରେ ରକ୍ଷା କର

କାହିଁଗଲ କୃଷ୍ଣ ମୋର .....

ଦିଅଭକ୍ତି, ସହନଶିଳତାର ଶକ୍ତି

ତୁମର ନାମ ହରେ କୃଷ୍ଣ ଜପି ଜପି

ଜୀବନ ଯାଉ ବିତି, ହେ କୃଷ୍ଣ ତୁମେ କାହିଁଗଲ .....।

# ସନା ଚଷା

ସୁଦର୍ଶନ ଦୀକ୍ଷିତ
ଫୁଲନଖରା-କଟକ, ୯୪୩୭୨୧୨୮୯୩



ହିଡ ମୁଣ୍ଡରେ ହାଲିଆ ମାରିବାକୁ ସନା ଚଷାର ବେଳ କାଇଁ
ମୁଣ୍ଡ ଉପରେ ଟାଇଁଟାଇଁ ଖରା
ଚାରିଗୁଣ୍ଠ ଜମିରେ ଲଙ୍ଗଳଗାର ମାରିବାକୁ ହେବ
ଲଙ୍ଗଳ ଅଛି ହେଲେ ବଳଦ କାଇଁ ।

ଗୋଟେ ଧକେଇଲାଣି
ଆଉ ଗୋଟେ ଘାସ ପାଇଁ ହାଇଁପାଇଁ;
ଧୂଳି ଉଡା ଜମିରେ ଘାସ କାଇଁ?

ଚିରା ଗାମୁଛାର ଠେକା ଧୋକା ଦେଲାଣି
ଝାଳଭର୍ତ୍ତି ଅଧାଚନ୍ଦା ମୁଣ୍ଡରେ
ଧାରଟେ ବହି ଆସିଲାଣି
ଠେକା ଭିଜେଇ ଗାଲଯାଏ ।

ଡହ ଡହ ଖରାର ତେଜରେ
ନିଷ୍କ୍ରିୟ ତନ୍ତ୍ରୀସବୁ
ସନା ଚଷା ଶୋଷିଲା ହେଲେ
ପାଣି କାଇଁ?
ଦାଣ୍ଡସାରା ଗୋଟେ ବୋଲି ବଳଦ ହଳ
ଭଙ୍ଗା ଶଗଡ କିଛି
ଶ୍ମଶାନମୁହାଁ ଦି ଚାରିଟା ଲୋଦର ।

ହରି ବଢେଇ ମଲାଦିନୁଁ
ଲଙ୍ଗଳମାନେ ଜନ୍ମ ହୋଇ ନାହାନ୍ତି
ସନା ଚଷା ମୁଣ୍ଡି ଲଙ୍ଗଳ ଘସି
ଚଷି ଚାଲିଛି ତା' ଚାରିମାଣର ଜମି
ଦି'ଟା ହଡା ବଳଦ
ଆଉ ଅମାପ ସାହାସକୁ ନେଇ ।

ବୃଦ୍ଧ ପ୍ରାୟ ଗାଁ ମୁଣ୍ଡ ବରଗଛ
ସନାଚଷା ସେଠି ନିଦାଘ ଖରାରେ ବସେ
ଅନିଶା କରେ ମୁଗ କିଆରିକି
ହଣା ଖାଇଥିବା ଜଙ୍ଗଲରୁ
ଫିଟି ଆସିଥିବା ମାଙ୍କଡ ପଲଙ୍କୁ ।

ବିଷର୍ଣ୍ଣ ସନା ଚଷା
ହିସାବ ଖାତାଧରି
ଦେଲା କେତେ ନେଲା କେତେ
ଟଙ୍କିକିଆ ଚାଉଳଠୁ ଅଧିକ ନୁହେଁତ ।

ସନା ଚଷା ଶେଷ ବସନ୍ତରେ
କାଲି ମଲ୍ଲିଫୁଲ
ଆଜି ପଶ୍ଚିମା ପବନ ।

# ମଞ୍ଜି ଓ ମଣିଷ

ତନ୍ମୟ କୁମାର ମିଶ୍ର
ପୂର୍ଣ୍ଣିମା ଦେବୀ ଦିବ୍ୟଶାନ୍ତି ଆଶ୍ରମ
ଗିରିୟା , ରାଜକନିକା, କେନ୍ଦାପଡା, ୭୫୪୨୨୦
ମୋବାଇଲ-୯୮୬୧୯୬୨୭୬୦

ଅମୃତ ବେଳରେ

ମାଆର କୋଳରେ

ଅଳି ଅଝଟର ଶୂନ୍ୟକାଳରେ

ଉଭୟେ ଟେକନ୍ତି ମଥା ।

ସେମାନେ . . .

ଉତ୍ତର କାଳରେ

କର୍ମ ଜଞ୍ଜାଳରେ

ଛନ୍ଦିହୋଇ ପୁଣି ଆଶାର ମାଳରେ

ରଚିଥାନ୍ତି କେତେ କଥା ।

କିନ୍ତୁ . . .

ଚତୁର୍ଥ ସୋପାନେ

ହୋଇ ଅବସ୍ଥାନେ

ତ୍ୟାଗର ମୂରତି ପାଲଟାଇ ଦାନେ

ଜଣେ ବଞ୍ଚେ ପରପାଇଁ ।

ହାଏ. . . .

ଆନ ଜଣେ ପୁଣି

ନିଜ କଥା ଗୁଣି

ଖୋଲି ରଖିଥାଏ ସଦାସ୍ୱାର୍ଥ ମୁଣି

ବଞ୍ଚେ ଖାଲି ନିଜ ପାଇଁ ।

# ଆସିବକି ତୁମେ !

ସୁଦର୍ଶନ ଦୀକ୍ଷିତ
ଫୁଲନଖରା-କଟକ, ୯୪୩୭୨୧୨୮୯୩

ଆଜି ଯଦି ବର୍ଷା ନହୁଏ
ଆସିବକି ତୁମେ
ହଁ କଲେ ଅପେକ୍ଷା କରିବି
ସେଇ ପୁରୁଣା ଯାଗାରେ
ଯେଉଁଠାରେ ଶେଷଥର
ବସିଥିଲେ ଆମେ ।

ବ୍ୟାଗ୍ ଭିତରେ
ଛତା ଆଣିପାର
ବାଦୁଆ ବର୍ଷା ଦାଉ ସାଧିଲେ
କାମରେ ଆସିବ ।

ସେଇ ବେଞ୍ଚ୍ ଏବେବି ଆମ ଅପେକ୍ଷାରେ
ପଛର ଗଛ ଆଉ ବୁଦା
ଟିକେ ଘଞ୍ଚ ହୋଇଛି
ସେଠି ବସିଲେ
ଦୂରରୁ ଜାଣି ହେବନି
କିଏ ସେ ବସିଛି ।

ସେଇ ବୁଢା ବାଦାମବାଲା ଏବେବି ଆସୁଛି

ଭଜା ବାଦାମ, କଳା ଲୁଣ ଧରି
ଝାଲମୁଢି-ମିକ୍ସର ଧରି ବସ୍ତି ପିଲାଟା
ପାର୍କର ଏମୁଣ୍ଡ ସେମୁଣ୍ଡ ଯାଏଁ
ଚକର କାଟୁଛି ।

ମୁଁ ବ୍ୟସ୍ତ ହେବିନି ଯଦି ଡେରିହୁଏ
ତୁମକୁ ପାଖରେ ପାଇଲେ
ସମୟ କୋଉ ନଜର ଭିତରେ ଥାଏ?
ତୁମ ଦେହର ମହମହ ବାସ୍ନା
ଓଠର ଉଷ୍ମ ଆମନ୍ତ୍ରଣ
ଆଖିର ଲାଜୁଆ ଚାହାଣି
ସମୟକୁ ବନ୍ଦି କରି ଦିଏ ।

ଆସ ଭଲ ହେବ
ସେଇଠି ନିରୋଳାରେ
ଓହଳି ପଡିଥିବା ମେଘ
ଗୁମ୍ ମାରିଥିବା ପବନ
ଆଉ ଥମ୍ ଥମ୍
ଆଖିର ଲୁହ ସାଙ୍ଗେ
ଆରମ୍ଭ ହୋଇବ
ଭାଗବଣ୍ଟା ପର୍ବ ।

# ସଂଗୀତ



ଦେବଜାନୀ ବେହେରା
ଗ୍ରୀଷ୍ମ -୩୨, ଅଣୁଶକ୍ତିନଗର

ସଂଗୀତ ବିଷୟରେ ମୁଁ କ'ଣ ବା ଲେଖିପାରିବି, ତଥାପି ଆଜି କିଛି ଲେଖିବାକୁ ଚେଷ୍ଟା କରୁଛି ।

ସଂଗୀତ ଈଶ୍ୱର ଅଟନ୍ତି । ସଂଗୀତ ଦୁଇ ଆତ୍ମାର ମିଳନ, ସଂଗୀତ ଧ୍ୟାନ ତ ସଂଗୀତ ଉପାସନା ଅଟେ, ସଂଗୀତ ଶ୍ରଦ୍ଧା ଅଟେ ତ ସଂଗୀତ ଆବେଗ ଅଟେ ।

ଗାୟନ, ବାଦନ ଏବଂ ନୃତ୍ୟରୁ ସଂଗୀତର ସୃଷ୍ଟି ହୋଇଛି । ସଂଗୀତ ସାତ ସ୍ୱରର ବିଶିଷ୍ଟ ରଚନା ଅଟେ, ଏହି ସଂଗୀତ ପାଇଁ ଈଶ୍ୱର କଣ୍ଠ (ଧ୍ୱନୀ)ର ସୃଷ୍ଟି କରିଛନ୍ତି ।

ସଂଗୀତର ମୁର୍ଚ୍ଛନାରେ କେତେବେଳେ ଆମେ ଆନନ୍ଦରେ ଆତ୍ମହରା ହୋଇଯାଇ ଥାଉ ତ କେତେବେଳେ ଆଖିରୁ ଅଶ୍ରୁ ଝରିଯାଇଥାଏ । କେତେବେଳେ ହୃଦୟର ସ୍ପନ୍ଦନର ଗତି ବଢ଼ିଯାଇ ଥାଏ ତ କେତେବେଳେ ଲାଗେ ଯେମିତି ସମୟ ସେଇଟି ଅଟକି ଯାଇଛି ତ କେତେବେଳେ ଲାଗେ ଆମେ ଆଉ ଏକ ଦୁନିଆରେ ପହଞ୍ଚି ଯାଇଛୁ । ଏ ସୃଷ୍ଟିରେ ଏହା ଏକ ପ୍ରକାର ଉଦ୍ବେଗ, ଉତ୍କଣ୍ଠା । ଯାହାକୁ କେବେହେଲେ ସ୍ପର୍ଶ କରି ହୁଏନି କି ମାପି ହୁଏନି, କେବଳ ଅନୁଭବ ହି କରିହୁଏ, ଯାହାକୁ କୁହାଯାଏ ସଂଗୀତ ।

କେତେବେଳେ ନିଜକୁ ପ୍ରଶ୍ନ କରି ଦେଖିବା ସଂଗୀତ ଏତେ କଷ୍ଟକର କାହିଁକି ? ଅନ୍ତର ଆତ୍ମାରୁ ଉତ୍ତର ମିଳିଥାଏ । ସଂଗୀତ ଏତେ ପବିତ୍ର ଯେ ତାକୁ ଗ୍ରହଣ କରିବାକୁ ହେଲେ ଆମେ ପ୍ରଥମେ ଆମର ଆତ୍ମାର ଶୁଦ୍ଧି କରିବାକୁ ପଡ଼ିବ । ଯାହା ଫଳରେ ଆମର ସ୍ୱର ଆତ୍ମାରୁ ବାହାରିକି ବାହାରେ ଖୁସି ବିସ୍ତାର କରିବ ।

ଏହି ଖୁସି ପାଇଁ ଈଶ୍ୱର ସଂଗୀତର ଉପାସକ ମାନଙ୍କୁ ଏ ଧରାପୃଷ୍ଠକୁ ଆଣିଛନ୍ତି । ଏହି ଉପାସକ ମାନଙ୍କ ଦ୍ୱାରା ମନୋରମ ସଂଗୀତର ସୃଷ୍ଟି ହୋଇଥାଏ । ଯାହାକି କାହାପାଇଁ ବଞ୍ଚିବାର ସାହାରା ବନେତ କାହାପାଇଁ ବଞ୍ଚିବାର କାରଣ ବନିଥାଏ ।

ଯିଏ ସଂଗୀତ ସାଙ୍ଗେ ଯୁଡ଼ିକି ରହେ, ସେ ହିଁ ସଂଗୀତର ମୂଲ୍ୟ ବୁଝି ପାରେ । ସମସ୍ତେ ଏହି ସୁନ୍ଦର ଉଦ୍ବେଗ, ଆବେଗକୁ ଅନୁଭବ କରିପାରନ୍ତୁ ।

ସଂଗୀତ ହୀ ସଂଗୀତ ........

# ବାର ମାସରେ ଶ୍ରୀ ଜଗନ୍ନାଥଙ୍କର ପୂଣ୍ୟ ଯାତ

ପ୍ରଜ୍ଞା ରଥ
ଏ ୬-ରଂଜିନି, ଅଣୁଶକ୍ତିନଗର

ଓଡ଼ିଆଙ୍କର ଆରାଧ ଦେବ ପ୍ରାଣର ପ୍ରାଣ ସେହି କଳାଠାକୁର ଶ୍ରୀ ଜଗନ୍ନାଥ । ତାଙ୍କ କ୍ଷେତ୍ରର ନାମ ପୁରୁଷୋତ୍ତମ କ୍ଷେତ୍ର, ନୀଳାଚଳ ଧାମ, ଶଙ୍ଖ କ୍ଷେତ୍ର, ଶ୍ରୀକ୍ଷେତ୍ର ସିଏ ପୁରୁଷୋତ୍ତମ, ସିଏ ବଡ଼ ଠାକୁର, ଧରାପୃଷ୍ଠରେ ସେ ମାନବୀୟ ଲୀଳା କରୁଛନ୍ତି ତାଙ୍କ ଦାଣ୍ଡ ବଡ଼ ଦାଣ୍ଡ । ତାଙ୍କ ପ୍ରସାଦ ମହାପ୍ରସାଦ, ତାଙ୍କ ଦେଉଳ ବଡ଼ ଦେଉଳ, ବଡ଼ ଦେଉଳ ଉପରେ ନୀଳଚକ୍ର, ତା ଉପରେ ଉଠୁଛି ପତିତ ପାବନ ବାନା, ଉଡ଼ିଲା ବେଳକୁ ଡ଼ାକୁଛି ଆସ ଆସ ମୋର ଭକ୍ତମାନେ ।

ସେହି ବଡ଼ ଠାକୁରଙ୍କର ଅନୁଷ୍ଠିତ ହେଉଛି ବାରମାସରେ ତେର ପର୍ବ । ବୈଶାଖ ମାସର ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା ପାଇବା ପାଇଁ ଚନ୍ଦନ ଯାତ ହୁଏ । ଯେଉଁଥିରେ ସେ ଚାପ ଖେଳିବା ପାଇଁ ନରେନ୍ଦ୍ର ପୁଷ୍କରିଣୀକୁ ଯାଆନ୍ତି । ଜ୍ୟେଷ୍ଠ ମାସରେ ସ୍ନାନ ଯାତ୍ରା, ଆଷାଢ଼ରେ ଶ୍ରୀଗୁଣ୍ଡିଚା ଯାତ୍ରା, ଏହା ନବ ଦିନର ଯାତ୍ରା, ଶ୍ରାବଣ ମାସରେ ଚିତାଲାଗି ଅମାବାସ୍ୟା, ଯେଉଁଥିରେ ଠାକୁରଙ୍କୁ ମୁଣ୍ଡରେ ଚିତା ଲଗାଯାଏ ଏବଂ ଚିତଉ ପିଠା ଭୋଗ ହୁଏ ଏବଂ ପୂର୍ଣ୍ଣମୀରେ ବଳଭଦ୍ର ଜନ୍ମ ଏବଂ ରାକ୍ଷୀ ପୂର୍ଣ୍ଣମୀ । ଭାଦ୍ରବ ମାସରେ ରାହୁରେଖା ଲାଗି, ଜନ୍ମାଷ୍ଟମୀ, ନନ୍ଦ ଉତ୍ସବ, ବଣଭୋଜୀ, ବକାସୁର ବଧ, କାଳୀୟ ଦଳନ ପ୍ରଭୃତି ଅନୁଷ୍ଠିତ ହୁଏ । ଆଶ୍ୱିନ ମାସରେ ଦୁର୍ଗାତ୍ସବ ସହିତ ଶାକ୍ତ ଗୁଣ୍ଡିଚା ଏବଂ ଦ୍ୟୁତ କ୍ରୀଡ଼ା ହୋଇଥାଏ । ଦ୍ୟୁତ କ୍ରୀଡ଼ାରେ ପ୍ରଭୁ ହାରିଯାଇ ଲକ୍ଷ୍ମୀଙ୍କ ମନ୍ଦିରରେ ମାଧବ ରୂପରେ ସାତ ଦିନ ବନ୍ଧା ପଡ଼ନ୍ତି । କାର୍ତ୍ତିକ ମାସରେ ରାଇ ଦାମୋଦର ବ୍ରତ, ରାଜ ବେଶ, ଲକ୍ଷ୍ମୀନାରାୟଣ ବେଶ, ରାଧା ଦାମୋଦର ବେଶ, ତ୍ରିବିକ୍ରମ ବେଶ, ବାଙ୍କ ଚୂଡ଼ ବେଶ, ଠିଆକିଆ ଆଦି ବେଶ ହୋଇଥାନ୍ତି । ମାର୍ଗଶୀର ମାସରେ ଦୀପଦାନ, ପିତୃଶ୍ରାଦ୍ଧ, ଦେବ ଦୀପାବଳୀ ଏବଂ ଘୋଡ଼ଲାଗି ଅର୍ଥାତ ଶୀତ ପାଇଁ ଠାକୁର ମଧ ଘୋଡ଼ାଇ ହୁଅନ୍ତି । ପୌଷ ମାସରେ ଶ୍ରୀଜଗନ୍ନାଥଙ୍କର ଅଭିଷେକ ଓ ରାଜାବେଶ ଏବଂ ଧନୁମୁଆଁ ଭୋଗ ।

ସେଇ କଳା ଠାକୁରଙ୍କର ଦୁଇଟି ଯାତ୍ରା ବିଷୟରେ ସଂକ୍ଷିପ୍ତରେ ବର୍ଣ୍ଣାନା କରୁଛି ।

ସ୍ନାନଯାତ୍ରା ବା ଦେବସ୍ନାନ ପୂର୍ଣ୍ଣମୀ ବା ଜ୍ୟେଷ୍ଠ ପୂର୍ଣ୍ଣମୀ - ଏହା ଜ୍ୟେଷ୍ଠ ମାସ ଶୁକ୍ଳ ପୂର୍ଣ୍ଣମୀ ଦିନ ପଡ଼େ । ସ୍ନାନ ଯାତ୍ରାର ପୂର୍ବରାତ୍ରରୁ ମନ୍ଦିର ଭିତରେ ଥିବା ସୁନା କୂଅରୁ ୧୦୮ ଭାର ପାଣି

କଢ଼ାଯାଏ । ଠାକୁରଙ୍କର ନୀତିକାନ୍ତି ସମାପନ କରି ପହଣ୍ଡି କରି ସ୍ନାନ ମଣ୍ଡପକୁ ଅଣାଯାଏ ଏବଂ ସେଠାରେ ମହାପ୍ରଭୁଙ୍କର ମହାସ୍ନାନ ହୁଏ । ବର୍ଷରେ ଥରେ ମାତ୍ର ସେହି କୂଅରୁ ପାଣି କଢ଼ାଯାଏ । ମହାସ୍ନାନ ସରିଲା ପରେ ଠାକୁରଙ୍କୁ ଗଜାନନ ବେଶ କରାଯାଏ । ପ୍ରଚଳିତ ଲୋକ କଥା ଅନୁସାରେ ମହାରାଷ୍ଟ୍ରର ଗଣପତି ଭଟ୍ଟ ମହାଶୟ ବୋଲି ଜଣେ ଭକ୍ତ ବହୁକଷ୍ଟରେ ଚାଲି ଚାଲି ଆସିଥିଲେ ଶ୍ରୀକ୍ଷେତ୍ରକୁ କାଳିଆ ସାଆନ୍ତଙ୍କ ଦର୍ଶନ ଗଜାନନ ରୂପରେ ଦେଖିବା ପାଇଁ । ଗଣେଶ ତାଙ୍କର ଇଷ୍ଟ ଥିଲେ । ମାତ୍ର ଗଜାନନ ରୂପରେ ନଦେଖି ଦୁଃଖରେ କାନ୍ଦି କାନ୍ଦି ନଖାଇ ନ ପିଇ ବଡ଼ଛଡ଼ା ମଠ ବାରଣ୍ଡରେ ଶୋଇ ପଡ଼ିଲେ । ତାଙ୍କର ଦୁଃଖ ସହି ନପାରି ପ୍ରଭୁ ଶ୍ରୀଜଗନ୍ନାଥ ବଡ଼ ପଣ୍ଡାଙ୍କୁ ଡ଼ାକି କହିଲେ - ତାଙ୍କୁ ଯାଇ କୁହ କାଲି ସକାଳୁ ଆସି ମୋର ଗଜାନନ ବେଶ ଦେଖୁ । ପରଦିନ ଭଟ୍ଟ ମହାଶୟ ସ୍ନାନ ମଣ୍ଡପରେ ଗଜାନନବେଶ ଦେଖି ଖୁସିରେ ନାଚିବାକୁ ଲାଗିଲେ ।

ଅତ୍ୟାଧିକ ସ୍ନାନ ପରେ ଠାକୁରଙ୍କୁ ଜ୍ୱର ହୁଏ ଏବଂ ସେ ଅଣସ୍ୱର ଗୃହକୁ ଯାତ୍ରା କରନ୍ତି । ସେଠାରେ ତାଙ୍କର ସେବାରେ ଦଇତା ପତି ନିୟୋଜିତ ହୁଅନ୍ତି । ସେଠାରେ ଦଇତାପତିଙ୍କର ସେବା ଶୁଶ୍ରୁଶା ତଥା ପଥି ପାଚନରେ ସୁସ୍ଥ ହୋଇ ଆଷଢ଼ ଶୁକ୍ଳ ପ୍ରତିପଦାରେ ଠାକୁର ନବଯୌବନ ଦର୍ଶନ ଭକ୍ତଙ୍କୁ ଦିଅନ୍ତି । ତା ପରଦିନ ରଥଯାତ୍ରା ହୁଏ । ଭାଇ ଭଉଣୀଙ୍କୁ ନେଇ ତିନି ରଥରେ ଯାତ୍ରା କରନ୍ତି ଗୁଣ୍ଡିଚା ମନ୍ଦିରକୁ । ବଡ଼ ଭାଇ ବଳଭଦ୍ରଙ୍କର ତାଳଧ୍ୱଜ । ଭଉଣୀ ସୁଭଦ୍ରାଙ୍କର ଦେବଦଳନ ଏବଂ କାଳିଆ ସାଆନ୍ତଙ୍କର ନନ୍ଦୀଘୋଷ । ଏହାକୁ ଘୋଷଯାତ୍ରା, ଶ୍ରୀଗୁଣ୍ଡିଚା ଯାତ୍ରା ଆଦି ନାମରେ ନାମିତ କରାଯାଇଛି । ଦେଶ ବିଦେଶରୁ ବହୁଭକ୍ତ ଆସନ୍ତି ଏହି ଯାତ୍ରାକୁ ଦର୍ଶନ କରିବା ପାଇଁ । ଭକ୍ତଙ୍କ ସହିତ ଲୀଳା ଖେଳା କରିବାକୁ, ପତିତଙ୍କୁ ଦର୍ଶନ ଦେବା ପାଇଁ ଶ୍ରୀମନ୍ଦିରରୁ ଓହ୍ଲାଇ ଆସନ୍ତି ଠାକୁରେ । ରାଣୀ ଗୁଣ୍ଡିଚାଙ୍କ ଅନୁରୋଧ ରକ୍ଷା କରି ପ୍ରଭୁ ଏହି ନବଦିନର ଯାତ୍ରା ଆରମ୍ଭ କରନ୍ତି ଏବଂ ନିଜର ଜନ୍ମବେଦୀ ଶ୍ରୀଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ କରନ୍ତି । ବର୍ଷରେ ଥରେ ଏହି ମନ୍ଦିର ଖୋଲାଯାଇ ଥାଏ । ପୁଣି ଦଶମୀ ଦିନ ବାହୁଡ଼ା ଯାତ୍ରା ହୁଏ । ବାଟରେ ଆସିଲା ବେଳେ ଠାକୁର ମାଉସୀ ମା ମନ୍ଦିର ପାଖରୁ ପୋଡ଼ ପିଠା ଖାଆନ୍ତି । ତାପରେ ଏକାଦଶୀରେ ଠାକୁର ରଥ ଉପରେ ସୁନା ବେଶ ହୁଅନ୍ତି । ତାପରେ ଠାକୁରଙ୍କର ବଡ଼ ଦେଉଳକୁ ପ୍ରବେଶ ହୁଏ । ତାକୁ ନିଳାଦ୍ରୀ ବିଜେ କୁହାଯାଏ। ଏହିଦିନ ଲକ୍ଷ୍ମୀ ନାରାୟଣ ଭେଟ ହୁଏ ଏବଂ ରସଗୋଲା ଭୋଗ ହୁଏ । ଏହା ପରେ ଠାକୁରଙ୍କର ହରିଶୟନ ନୀତି ହୁଏ ଯାହାକି ଚତୁଃମାସ୍ୟ ନାମରେ ନାମିତ ।

'ଜୟ ଜଗନ୍ନାଥ'

# ଭସାଣୀ

ସୁଦର୍ଶନ ଦୀକ୍ଷିତ

ଫୁଲନଖରା ,କଟକ,୯୪୩୭୨୧୨୮୯୩

ତିନି ଥର ପ୍ୟାଣ୍ଟ ପିନ୍ଧି ତିନି ଥର ଖୋଲି ସାରିଲା ପରେ ବିରକ୍ତିର ଚରମ ସୀମାରେ ପହଞ୍ଚି ସାରିଥିଲେ ସାହୁ ବାବୁ । ମନ କରିଥିଲେ କଟକର ଦଶହରା ଭସାଣୀକୁ ଟିକେ ପ୍ରତ୍ୟେକ୍ଷ ଭାବରେ ଦେଖିବେ, ଅନୁଭବ କରିବେ କାହିଁକି ସମସ୍ତେ କଟକର ଦଶହରା ପର୍ବକୁ ନିଆରା ବୋଲି କୁହନ୍ତି । ମାସେ ତଳୁ ଯୋଜନା ପ୍ରସ୍ତୁତ କରି ସାରିଥିଲେ ତିନି ସହକର୍ମୀ ସାହୁ ବାବୁ, ରଥବାବୁ ଆଉ ନାଥ ବାବୁ । ନାଥ ବାବୁଙ୍କ ଗାଡିରେ ଭୁବନେଶ୍ୱରରୁ କଟକ ଯିବେ ସେଠି ରଥ ବାବୁଙ୍କ କୋଉ ବନ୍ଧୁଘରେ ଗାଡିରଖି ଚାଲିଚାଲି ଭସାଣି ଦେଖିବେ ଆଉ ରାତିରେ ଫେରି ସାହୁ ବାବୁଙ୍କ ଘରେ ରହିବେ ।

କଥା ଅନୁସାରେ ସାହୁବାବୁ ତାଙ୍କ ପରିବାର ସହ ଗାଁକୁ ଯାଇଥିଲେବି ସାଙ୍ଗ ମାନଙ୍କ କଥା ରଖି ଭସାଣୀ ଦିନ ସକାଳୁ ଚୋର ପଟିଆ ହୋଇ ଗାଁରେ ସ୍ତ୍ରୀ ପିଲା ଙ୍କୁ ଛାଡି ଚାଲି ଆସିଛନ୍ତି ଭୁବନେଶ୍ୱର । ଦ୍ୱିପ୍ରହର ବେଳକୁ ଅଧା ଉପାସରେ ଗାଁରୁ ଫେରି ହୋଟେଲରେ ଶହେ ଟଙ୍କା ଗୋଲ କରି ତିନିଟା ବେଳୁ ଅପେକ୍ଷା କରିଛନ୍ତି କେତେବେଳେ ରଥବାବୁ ଆଉ ନାଥ ବାବୁ ଆସିବେ ଆଉ ସେମାନେ କଟକ ଯିବେ । ଡେରି ହେଲେ ୱାନୱେ ଟ୍ରାଫିକ୍ ଆରମ୍ଭ ହୋଇ ଯିବାର ଭୟ । ସେତେବେଳେ କଟକ ସହରର ଅବସ୍ଥା ମାଛି ପଡିଲେ ନବ ଖଣ୍ଡ । ଆଉ ନା ଗାଡିରେ ଯାଇହେବ ନା ଗାଡିକୁ ଛାଡିକି ଯାଇହେବ । ଅନ୍ତତଃ ଏଇ ଭାବନାରେ ବେଳ ଥାଉ ଥାଉ ଯାଇ ଗାଡି ରହଣିର ବ୍ୟବସ୍ଥା କରିଦେଲେ ଆଉ ଚିନ୍ତା ନଥିବ ।

ସାହୁବାବୁ ଭାରି ସମୟ ଜ୍ଞାନୀ ମଣିଷ, ସମୟ ସହ ତାଳ ଦେଇ ଚାଲିବାକୁ ନିଜେ ଯେତିକି ପସନ୍ଦ କରନ୍ତି ସେମିତି ଆଶା କରନ୍ତି ଅନ୍ୟ ମାନଙ୍କଠାରୁ । ହେଲେ ଦେଖନ୍ତୁ ଦୁଇଜଣ ଯାକଙ୍କୁ ଫୋନ୍ କରିକରି ବେଦମ୍ ହେଲେଣି ପଛେ ଗାଡି ଧରି ପହଞ୍ଚିବାର ନାଁଗନ୍ଧ କେହି ଧରୁ ନାହାନ୍ତି । ତିନି ତିନି ଥର ନାଥ ବାବୁ କହି ସାରିଲେଣି ଏଇ ପହଞ୍ଚିଲୁ ,ଏଇ ପହଞ୍ଚିଲୁ । ଅତଏବ ତାଙ୍କ ପାଇଁ କେହି ଅଯଥା ସମୟ ନଷ୍ଟ କରୁ ତାହା ଚାହୁଁ ନଥିବା ସାହୁ ବାବୁ ରେଡି ହୋଇ ଅପେକ୍ଷା କରିଛନ୍ତି ଗାଡିର ହର୍ଣ୍ଣକୁ, ହେଲେ ଗାଡି ଆସିନି । ତିନି ଥର ଫେଲ୍ ହେଲାପରେ ରାତି ନଅଟା ପରେ ଗାଡିର ହର୍ଣ୍ଣ ଶୁଭିବାରୁ ବିରକ୍ତରେ ହାତ ହଲାଇ ଯିବେନି ବେଲି ମନା କଲେ ସାହୁ ବାବୁ ବାଲ୍କୋନୀରୁ ଥାଇ । ନଛୋଡ ବନ୍ଧା ରଥ ବାବୁ ଘର ଭିତରକୁ ଆସି ସରି ସରି କହିବାରୁ ରାଗ ତମ ତମ ହୋଇ ନିଜକୁ ପ୍ରସ୍ତୁତ କରି

ବାହାରି ପଡିଲେ ସାହୁ ବାବୁ । ହେଲେ ଭୁଲ୍ ବଶତଃ ଘରେ ଛାଡି ଦେଇ ଆସିଥିଲେ ନିଜର ପର୍ସ ଆଉ ମୋବାଇଲ ।

କଟକ ସହର ଆଉ ଦଶହରା ବଜାର ଯିଏ ଦେଖିଛି ସେ ଜାଣିଛି କ'ଣ ଆଉ କେମିତି ସେଠି ଘଡିକେ ଘୋଡା ଛୁଟେ । ଗୌରୀଶଙ୍କର ପାର୍କ ପାଖରେ ଚାନ୍ଦି ମେଢର ସମ୍ଭାରକୁ ଉପଭୋଗ କରୁକରୁ ଗୋଟେ ବିରାଟ ଭିଡର ଲହଡି ଯେମିତି ମାଡି ଆସିଲା କୁଆଡୁ । ଆଉ ସେଇ ଲହଡିରେ ରଥବାବୁ, ନାଥ ବାବୁ ଆଉ ସାହୁ ବାବୁଙ୍କର ଆଉାପଉା ଅଲଗା ଅଲଗା ହୋଇଗଲା ।  ସାହୁ ବାବୁ ଗାଁର ମଣିଷ । ପଶ୍ଚିମ ଓଡିଶାର ସରଳ ପ୍ରାଣ ମଣିଷଟା ଦି ମାସ ତଳେ ଭବାନିପାଟଣାରୁ ବଦଳି ହୋଇ ଆସିଛନ୍ତି ଭୁବନେଶ୍ୱର । ଯଦିଓ ନୂଆ ଅନୁଭବ କରିବାର ଅଦମ୍ୟ ଇଛା ଅଛି ମାତ୍ର ସେ ଯେ ଏକୁଟିଆ ଏସବୁକୁ ପାରିବେନି ତାଙ୍କର ଏ ଦୁର୍ବଳତା ପ୍ରତି ସେ ଅନେକ ସଚେତନ । ଅତଏବ ଜନ ସମୁଦ୍ର ଭିତରେ ଆଉ ଅଜଣା ସହର ଭିତରେ ସେ ହୋଇ ପଡିଲେ ଏକୁଟିଆ । ମୋବାଇଲ୍ ନଥିଲା ଯେ ସେ ଫୋନକରି ସେମାନଙ୍କ ସ୍ଥିତି ବିଷୟରେ ଜାଣି ପାରିବେ । ଅଥବା ତାଙ୍କୁ ନିଜ ସ୍ଥିତି ବିଷୟରେ ଜଣାଇ ପାରିବେ ।

ପକେଟରେ ବି କାଣି କଉଡିଟିଏ ନଥିଲା । କାନ୍ଦୁଣୁ ମାନ୍ଦୁଣୁ ହେଉହେଉ ଉପାୟ ପାଞ୍ଚିବାକୁ ଲାଗିଲେ ସାହୁବାବୁ । କେମିତି ସେ ଦୁହିଁଙ୍କ ସହ ଯୋଗାଯୋଗ କରିବେ । ପାଖରେ ଥିବା ସୂଚନା କେନ୍ଦ୍ର ନିକଟକୁ ଯାଇ ଘୋଷଣା କରିବାକୁ ଚେଷ୍ଟା କଲେ ହେଲେ ଡିଜେର କାନଫଟା ଶବ୍ଦ ଭିତରେ ସରକାରୀ ମାଇକ୍ ର ଶବ୍ଦ ଯେମିତି ହଜି ଯାଉଥିଲା ଅତି ଅସହାୟ ଭାବେ । ବେଳକୁ ବେଳ ଅସହାୟ ହୋଇ ପଡୁଥିଲେ ସାହୁ ବାବୁ । ନିଜ ଅସ୍ଥିର ମନକୁ ଯେତିକି ଦୋଷ ଦେଉଥିଲେ ସେତିକି ଦୋଷ ଦେଉଥିଲେ ନିଜ ଭୁଲା ମନକୁ । କଟକ ସହରକୁ ପ୍ରଥମ ଥର ଆସିଥିବା ସାହୁବାବୁ ବାଉନ ବଜାର ତେପନ ଗଳି ଭିତରେ ନିଜକୁ ଭାରି ଅସହାୟ ମଣୁଥିଲେ । ମନକୁ ଆସିଥିଲା କାହାକୁ ମାଗିକି ଫୋନ୍ ଟିଏ କରିବେ ରଥବାବୁ କି ନାଥ ବାବୁଙ୍କୁ, ହୁଏତ ସେମାନେ ନିଶ୍ଚୟ ଚେଷ୍ଟା କରୁଥିବେ ତାଙ୍କୁ ମୋବାଇଲରେ । ଏ ମନ ଏମିତିଆ ଯେ ଆଗରୁ ହଜାର ଜହାର କଥାକୁ ମନେ ରଖି ହେଉଥିଲା ଅଥଚ ଏବେ ମୋବାଇଲ୍ ର ଦଶଟା ସଂଖ୍ୟାକୁ ମନେ ରଖି ହେଉନି ଯେ ସେଇ ମୋବାଇଲ୍ ବୋତାମ୍ ଚିପିବାକୁ ପଡୁଛି । ମୋବାଇଲ୍ ନମ୍ବର ମନେ ନଥିବା ହେତୁ ସେ ନିଜକୁ ନିଜେ ନିଜର ଚଉଦ ପୁରୁଷ ଉଧାର କରିବାକୁ ଲାଗିଲେ ।

ରାତି ଯେତିକି ବଢୁଥିଲା ଗହଳିର ମାତ୍ରା ସେତିକି ସେତିକି ବଢୁଥିଲା ଯେମିତି କୁଆଡୁ ଜନ ସମୁଦ୍ର ମାଡି ଆସୁଥିଲା । ପୁଅଝିଅର ଭେଦଭାବ ନଥିଲା, ଥିଲା ଯାହା ସାଇ ସାଇର ଭେଦ ।

ଏମିତିରେ ହଠାତ୍ ଆରମ୍ଭ ହୋଇଗଲା ମାରପିଟ୍ । ଚମକି ପଡିଲେ ସାହୁବାବୁ ପୂଜାପରି ପବିତ୍ର କାମରେ ଏମିତି ହିଂସ୍ରତାକୁ ଦେଖି । ହଡବଡ ହୋଇ ଶଙ୍କିଗଲେ । ନିଜକୁ ବଞ୍ଚେଇବାକୁ ଆଉଜେଇ ନେଲେ ଦରଭଙ୍ଗା କ୍ୟାବିନ୍ ପଛପଟେ । ତାଙ୍କ ପରି ଅନେକ ନିରିହ ଏମିତି ନିଜକୁ ଲୁଚେଇଛନ୍ତି କ୍ୟାବିନ୍ ପଛପଟେ । ବନ୍ଦ୍ ହୋଇ ସାରିଥିଲା ଡିଜେର ଘୋର ଗର୍ଜନ, ଶୁଭୁଥିଲା ପୋଲିସ୍ ସାଇରନ୍ । ଛୀନଛତ୍ର ଦେଲେ ଶୋଭାଯାତ୍ରାକାରି, ଯୋଉ ମେଢ ଯୋଉଠି ଥିଲା ସେଇଠ ସେମିତି ଛାଡି ଦେଇ ଜୀବନ ବିକଳରେ ସମସ୍ତେ ଛତ୍ରଭଙ୍ଗ ଦେଇ ସାରିଥିଲେ । ପୋଲିସ୍ ର ଓଜନଦାର ବୁଟ୍ ମଚମଚ ଶବ୍ଦ କରି ରାସ୍ତାସାରା ଖେଳି ବୁଲୁଥିଲା । ସର୍ଚ୍ଚ ଲାଇଟ୍ ପକାଇ ଖୋଜୁଥିଲା ପୁଲିସ୍ କିଏ କୋଉଠି ଲୁଚିଛି ଜାଣିବାବୁ । କ୍ୟାବିନ୍ ପଛପଟକୁ ଲାଇଟ୍ ପକାଇ ମାଡି ଆସିଲେ ଦଳେ ପୋଲିସ୍ । ଚହଲି ଗଲା ସାହୁ ବାବୁଙ୍କ ଛାତି, ଭୟରେ, ଶଙ୍କାରେ ଆଉ ଆଶଙ୍କାରେ । ଧରି ନେଲା ପୋଲିସ୍ ତାଙ୍କ ଲମ୍ବା ଠେଙ୍ଗାରେ ଦି ପାହାର ଦେଇ । ନିଜକୁ ନିର୍ଦୋଷ କହି ଯେତେ ଚିତକାର କଲେବି ଶୁଣିବାକୁ ପ୍ରସ୍ତୁତ ନଥିଲେ କେହି ।

ସେପଟୁ ନାଥବାବୁ ଆଉ ରଥ ବାବୁଙ୍କୁ ଆଉ ଦଳେ ଲୋକମାନଙ୍କ ସହ ଧରି ଆଣିଛନ୍ତି ପୋଲିସ୍ ବାଲା । ଯେତେ କାକୁତି ମିନତି ହେଲେ କହାକୁ ଛାଡିବାବୁ ସେମାନେ ପ୍ରସ୍ତୁତ ନୁହନ୍ତି । ପାହାନ୍ତା ପହର ବେଳକୁ ଦଙ୍ଗା ଟିକିଏ ଥମିବାରୁ ଜଣେ ପଦସ୍ଥ ପୋଲିସ୍ ଅଧିକାରୀ ଆସି ସେମାନଙ୍କୁ ଛାଡି ଦେବାକୁ ନିର୍ଦେଶ ଦେଇ ଚାଲିଗଲେ । ହେଲେ ଏବେ ଆରମ୍ଭ ହେଲା ଅତ୍ୟାଚାରର ଦ୍ୱିତୀୟ ପର୍ଯ୍ୟାୟ । ଯାହା ପାଖରେ ଯାହା ଅଛି ଦିଅ, ନିଜ ନାଁ, ଗାଁ, ଠିକଣା ଲେଖ ଆଉ ଯାଅ । ହାତ ଟେକି ଦେଲେ ସାହୁବାବୁ ନିଜର ନିଶ୍ୱତାକୁ ପ୍ରମାଣିତ କରିବାକୁ । ତାଙ୍କୁ ଛାଡିଦେଲେ ପୁଲିସ୍ ବାବୁ, ତାଙ୍କ ପକେଟ ଖାଲି ଅବସ୍ଥାକୁ ଦେଖି । ଭିଡି ନେଲେ ରଥବାବୁ ଆଉ ନାଥ ବାବୁଙ୍କ ପର୍ସକୁ ଶାଗୁଣା ଝାମ୍ପିବା ପରି । ପୋଲିସ୍ ପାଖରେ ସବୁ ତଥ୍ୟ ଦେଇ କାନ ମୁଣ୍ଡା ଆଉଁସି ଥାନାରୁ ବାହାରିଲା ବେଳକୁ ମାଁଙ୍କ ଭସାଣୀ ଶୋଭାଯାତ୍ରାକୁ ଅତି ନିରାଡମ୍ବର ଭାବେ ଆଗେଇ ନେଉଥିଲେ ସାହି ମୁରବୀ ମାନେ । ନଥିଲା ଡିଜେର କାନ ଫଟା ଶବ୍ଦ କି ମାତାଲ ନାଚ । ମା'ଙ୍କୁ ମୁଣ୍ଡିଆଟିଏ ମାରି ଦରମରା ତିନି ଜଣ ଚାଲିଚାଲି ଫେରୁଥିଲେ ରଥ ବାବୁଙ୍କ ବନ୍ଧୁ ଘରକୁ ଗାଡିପାଇଁ ।

# କିଛି ଜାଣିବା କଥା

ବନମାଳୀ ମହାପାତ୍ର
ବୀର ନରସିଂହ ପୁର ଶାସନ, ପୁରୀ, ୭୫୨୦୧୨

୧. ସକାଳେ ଓ ସଂଧ୍ୟାରେ ଲେମ୍ବୁରସ ଓ ଗୋଲାପଜଳ ମିଶାଇ କୁଳୁକୁଳୁ କଲେ ପାଟିର ଦୁର୍ଗନ୍ଧ ସବୁଦିନ ପାଇଁ ଦୂର ହୁଏ ।

୨. ଡାଳିମ୍ବ ଖାଇଲା ପରେ କେବେହେଲେ କ୍ଷୀର ପିଇବା ଉଚିତ ନୁହେଁ । କାରଣ ଖାଦ୍ୟ ବିଷାକ୍ତ ହୁଏ ।

୩. ତମ୍ବା ପାତ୍ରରେ କେବେହେଲେ ଘିଅ, ମହୁ ଏବଂ ପଇଡ ପାଣି ରଖାଯାଏ ନାହିଁ ।

୪. ଦହି ସଙ୍ଗେ କେବଳ କଦଳି ମିଶାଇ ଖାଇଲେ ଖାଦ୍ୟ ବିଷଯୁକ୍ତ ହୁଏ ।

୫. ଘିଅ ଅର୍ଣ୍ଣ ସହିତ ମାଛ, ମାଂସ ମିଶାଇ ଖାଇବା ମନା ।

୬. କ୍ଷୀର ସଙ୍ଗେ ମଧ୍ୟ ଆମିଷ ଖାଇବା ନିଷେଧ ।

୭. ମାଛ ଓ ମାଂସ ମଧ୍ୟ ଏକା ସାଙ୍ଗେ ଖାଇବା ମନା ।

୮.ରାତିରେ ଦହି ଓ ଶାଗ ଜାତିୟ ଖାଦ୍ୟ ନିଷେଧ ।

୯. ବିଳମ୍ବିତ ରାତ୍ରିରେ ଗୁରୁପାକ ଭୋଜନ ନିଷେଧ ।

୧୦.ରାତିରେ ଖାଇବା ପରେ ସାଙ୍ଗେ ସାଙ୍ଗେ ଶୋଇବା ଦେହପକ୍ଷେ କ୍ଷତିକାର ।

୧୧. ଅମାବାସ୍ୟା, ସଂକ୍ରାନ୍ତି, ଏକାଦଶୀ, ପୂର୍ଣ୍ଣମୀ, ଶ୍ରାଦ୍ଧଦାନ ଦିନ ଓ ନିଜ ଜନ୍ମ ଦିନରେ କ୍ଷୌର ହେବା ଅନୁଚିତ ।

୧୨. ଅମାବାସ୍ୟା, ସଂକ୍ରାନ୍ତି, ଏକାଦଶୀ, ପୂର୍ଣ୍ଣମୀ ଓ ଶ୍ରାଦ୍ଧ ଦିନ ରାତିରେ ଉପବାସ ରହିବା ଶାସ୍ତ୍ର ସମ୍ମତ ।

୧୩. ସେହିପରି ଭାବେ ଅମାବାସ୍ୟା, ସଂକ୍ରାନ୍ତି ଓ ଏକାଦଶୀ ତିଥୀରେ ଦୂରସ୍ଥାନଙ୍କୁ ଯାତ୍ରାକରିବା ନିଷେଧ ।

୧୪. ଉପବାସ ସମୟରେ ଗରମ ଲେମ୍ବୁପାଣି ଓ ମହୁ ଖାଇଲେ ପେଟ ସଫା ହୋଇଯାଏ ।

୧୮.ଓଦାଲୁଗା ପିନ୍ଧି ଠାକୁରପୂଜା (କେବଳ ସୂର୍ଯ୍ୟ ନମସ୍କାରକୁ ଛାଡି) କରିବା ଉଚିତନୁହେଁ ।

୧୬. କୋଳଥ ଡାଲି ନିୟମିତ ଖାଇଲେ ମେଦବହୁଳତା ଦୂର ହୋଇଥାଏ ।

୧୬. ଉଷା ସ୍ନାନ ତଥା ଉଷା ପାନ (ଅର୍ଥାତ୍ ସକାଳୁ ଖରାରେ ଚାଲିବା ଓ ବଡି ଭୋରରୁ ଗଧୋଇବା) ଦେହ ପାଇଁ ଖୁବ୍ ହିତକର ।

# ବାସ୍ତୁ ଶାସ୍ତ୍ରର କିଛି କଥା

ବନମାଳୀ ମହାପାତ୍ର

ବୀର ନରସିଂହ ପୁର ଶାସନ, ପୁରୀ, ୭୫୦୨୦୧୨

୧. ଘରେ ଡାଇନିଂ ଟେବୁଲ୍ ର ଆକାର ଗୋଲ୍ ହେଲେ ତାହା ପରିବାର ପ୍ରତି ମଂଗଳପ୍ରଦ ହୁଏ। ଏହା ଐଶାନ୍ୟ କୋଣରେ ରହିବା ଉଚିତ୍। ୨/୩ ଦିନରେ ଥରେ ଏହାକୁ ଲୁଣ ପାଣିରେ ପୋଛିଲେ ଘରେ ସମସ୍ତଙ୍କ ଦେହ ଭଲ ରହେ ।

୨. ଇନ୍ଦ୍ରଧନୁ ନିଜେ ଦେଖିବା ପରେ ଆଉ କାହାକୁ ଦେଖାଇବା ନିଷେଧ ।

୩. ଶୋଇବା ଘରେ ଦର୍ପଣ ଥିଲେ, ଶୋଇବା ସମୟରେ ତାକୁ ଢାଙ୍କି ରଖିବା ଆବଶ୍ୟକ ।

୪. ରୋଷେଇ ଘର ଗୃହର ଅଗ୍ନୀ କୋଣରେ, ଅତିଥୀଗୃହ ବାୟୁ କୋଣରେ, ଠାକୁର ଘର ଐଶାନ୍ୟ କୋଣରେ ହେବା ନିତ୍ୟାନ୍ତ ଜରୁରୀ ।

୫. ଘରେ ଜଦି ଅଶାନ୍ତି ତଥା କଳହ ଲାଗି ରହେ ତେବେ ଖାଇବା ଘରର ଉତ୍ତରପଟ କାନ୍ଥରେ ଦୁଇଟି ମାଛର ଚିତ୍ର କରି ରଖନ୍ତୁ, ଦେଖିବେ ଅଶାନ୍ତି ତଥା ଦୁଃଖ ଦୂର ହୋଇଯିବ ।

୬. ରୋଷେଇଘର କାନ୍ଥରେ ନୀଳ ଓ କଳା ରଙ୍ଗ ବ୍ୟବହାର କରନ୍ତୁ ନାହିଁ ।

୭. ଡ୍ରଇଁ ରୁମ୍ ରେ ସୋଫା ସବୁବେଳେ ଦକ୍ଷିଣ ଓ ପଶ୍ଚିମ କୋଣରେ ପକାନ୍ତୁ ।

୮. ଘରେ ସୁର୍ଯ୍ୟୋଦୟ, ଫୁଲ ବଗିଚା ଏବଂ ଝରଣାର ଫଟୋ ରଖିବା ଭଲ ।

୯. ଘରେ ଯେତେ ପାରିବେ ଅଇନା ର ବ୍ୟବହାର କଲେ ଶୁଦ୍ଧ ଉର୍ଜାର ସଂଚାରଣ ହୁଏ ।

୧୦. ଘରର ଦକ୍ଷିଣ ପଶ୍ଚିମ କୋଣରେ ପରିବାରର ଏକ ଫଟୋ ରଖିଲେ ଭଲ ଫଳ ମିଳିଥାଏ।

# ପ୍ରକୃତି ନୈବ ମୁଚ୍ୟତେ

**ବନମାଳୀ ମହାପାତ୍ର**

ବୀର ନରସିଂହ ପୁର ଶାସନ, ଚନ୍ଦନ ପୁର, ପୁରୀ-୭୫୨୦୧୨

କଥାରେ ଅଛି "ଅଙ୍ଗାର ଶତ ଧୌତେନ ମଳିନତ୍ୱ ନ ଜାୟତେ" । ମଣିଷ ପ୍ରକୃତି ମଲେ ତୁଟେ, ଘୁଷୁରୀ ପକୃତି ପଙ୍କରେ ଲୋଟେ । ଏହାର ଯଥାର୍ଥତା ନିମ୍ନ ଦୁଇଟି କ୍ଷୁଦ୍ର ଗଳ୍ପ ସମୁହରୁ ଜାଣିହେବ।

୧. ଦୁଇଟି ପଡୋଶୀ ପରିବାରରେ ଯଥାକ୍ରମେ "ରାଜୁ" ଓ ତାଙ୍କର ଜ୍ଞ୍ୟାତି ଭାଇ "ରାମ ଭାଇନା" ବାସ କରନ୍ତି । ପୁରୁଷାନୁକ୍ରମେ ଦୁଇ ପରିବାରର ମନୋମାଳିନ୍ୟ ସର୍ବଜନବିଦିତ । ରାଜୁର ପରିବାର କହିଲେ ଦୁଇ ପୁତ୍ର, କନ୍ୟା ଓ ରାଜୁ ନିଜେ । ରାଜୁର ସ୍ତ୍ରୀ ପରଲୋକଗତା । ରାମ ଭାଇନା ପରିବାରରେ ସେ, ତାଙ୍କ ସ୍ତ୍ରୀ, ଦୁଇ ପୁଅ ଓ ଦୁଇ ବୋହୁ । ରାମ ଭାଇନାର ପ୍ରଥମ ବୋହୁ ବିଭା ହୋଇ ଆସିବା ପରେ ପାରିବାରିକ ଅଶାନ୍ତି କାରଣରୁ, ବିଷ ଖାଇ ଆତ୍ମହତ୍ୟା ଉଦ୍ୟମ କରିଥିଲା । ତାହା ପରେ ବହୁତ ନ୍ୟାୟ ନିଶାପ ହୋଇ ଅବସ୍ଥା ବର୍ତ୍ତମାନ ଶାନ୍ତ ପ୍ରାୟ । ଦ୍ୱିତୀୟ ବୋହୁ ଆସିବାର ଅଳ୍ପଦିନ ପରେ ଛାଡପତ୍ର ମୋକଦମା ଲାଗି ସେ ଏବେ ବାପଘରେ। ରାଜୁ ଭାବିଥିଲା, ସ୍ତ୍ରୀ ଯିବା ପରେ ଦୁଇ ପରିବାରର ମତଭେଦ ଦୂର ହେବ, ସଂପର୍କ ଭଲହେବ। କିନ୍ତୁ ତାହାର ଏ ଭାବନା ଭୁଲ ପ୍ରମାଣିତ ହେଲା । ରାଜୁର ପରିବାରରେ ଦିନେ କୌଣସି କାରଣରୁ ପାଟିତୁଣ୍ଡ ହେଲା ପରେ ରାମ ଭାଇନା ତାକୁ ତୁଣ୍ଡ ବାଇଦ ପରି ଗାଁ ସାରା ପ୍ରଚାର କରିଦେଲେ । ଏଥିରେ ତାଙ୍କର ଯେପରି ଏକ ଅଦ୍ଭୁତ ଆତ୍ମସନ୍ତୋଶ ଲାଭ ହେଲା । କିନ୍ତୁ ଅପର ପକ୍ଷରେ ରାଜୁ ରାମ ଭାଇନାର ପାରିବାରିକ ଆଶାନ୍ତି ବେଳେ ନିଶାପରେ ବସିଥିବା ଭଦ୍ରବ୍ୟକ୍ତିଙ୍କ ସାମନାରେ ରାମଭାଇନା ସପକ୍ଷରେ କହି ସମାଧାନର ବାଟ କାଢିଥିଲା ।

୨. ନୀଳକଣ୍ଠ ବାବୁଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ । ପିଲା ମାନଙ୍କୁ ଯଥାସଂବଳ ଉଚ୍ଚଶିକ୍ଷା ଦେଇ ସହରରେ ଅବସ୍ଥାପିତ କରାଇଲେ । ବର୍ତ୍ତମାନ ନୀଳକଂଠ ବାବୁ ଗାଁରେ ଏକାକୀ ରହନ୍ତି । ହଠାତ୍ ଦିନେ ତାଙ୍କ ପୁଅ ଘରେ ଆସି ପହଞ୍ଚିଲା ଓ ବାପାଙ୍କୁ କହିଲା, "ବାପା ତୁମେ ୭୦ ବର୍ଷ ନପୁରୁଣୁ କାହିଁକି ପର ଉପରେ ନିର୍ଭର ହେଉଛ?" ନୀଳକଣ୍ଠ ବାବୁ କହନ୍ତି, "ଆରେ ପୁଅ, ମୋ ବାପା ୬୫ ବର୍ଷ ବେଳକୁ ଇହଲୋକ ତ୍ୟାଗ କରିଥିଲେ । ଆଉ ମୁଁ ୧୫ ବର୍ଷରୁ ଆଜିଯାଏଁ ବହୁତ ଝଡ ଝଞ୍ଜା ସହି ଏ ଘରକୁ ସମ୍ଭାଳି ରଖିଛି । ଘରେ ଏକୁଟିଆ ରହି ମଧ୍ୟ ଯାନିଯାତ୍ରା ପର୍ବ ପର୍ବାଣୀରେ ଦିଅଁ ଦେବତାଙ୍କୁ ଯଥାମାନ୍ୟ ସେବା କରିଆସୁଛି । ମୁଁ କିପରି ବଞ୍ଚିଛି ସେକଥା ତମେ ମାନେ ଥରେ ବି ଚିନ୍ତା କରିଛ କି?" ଏକଥା ଶୁଣିବା ପରେ ନିଜ ଭୁଲ୍ ସେ ବୁଝିପାରିଥିଲା ଓ ବାପାଙ୍କୁ ଭୁଲ୍ ମାଗିଥିଲା । ନୀଳକଣ୍ଠ

ବାବୁ ଏଥିରେ ଆଶ୍ବସ୍ଥ ହୋଇଥିଲେ ନିଜ ପୁତ୍ରର ପରିବର୍ତ୍ତନ ଦେଖି । କିନ୍ତୁ ହଠାତ୍ ଦିନେ ପୁତ୍ର ନିଜର ସ୍ତ୍ରୀ ସାମନାରେ ତାଙ୍କୁ ଭର୍ସନା କରି କହିଲା-" ଆମେ ବହୁତ ବଡ ହୋଇଗଲୁଣି, ଆଉ ପିଲା ହେଇ ନାହୁଁ, ଆମକୁ ଆଉ ଶାସନ କରିବା କିମ୍ବା ଉପଦେଶ ଦେବା ଦରକାର ନାହିଁ" । ଏହି ଗୋଟିଏ ଘଟଣା ପରେ ନୀଳକଣ୍ଠ ବାବୁଙ୍କର ନିଜ ପୁଅକୁ ନେଇ ଥିବା ପୁର୍ବ ଭବନା ଧୁଳିସାତ୍ ହୋଇଯାଇଥିଲା ।







Sports Activity of AOA

February 2018

# କିଏ କହେ ତୁମେ ଚାଲି ଗଲ ?



**ବନମାଳୀ ମହାପାତ୍ର**
ବୀର ନରସିଂହ ପୁର ଶାସନ, ଚନ୍ଦନ ପୁର, ପୁରୀ-୭୫୨୦୧୨

ଗଦାଧର ବାବୁ ବହୁତ ଦିନ ପରେ ପ୍ରଥମ ଥର ପାଇଁ ବାଙ୍ଗାଲୋର୍ ରେ ରହୁଥିବା ନିଜ ଝିଅ ଘରକୁ ବୁଲିବାକୁ ଯାଇଥିଲେ । ଦିନେ ସଂଧ୍ୟାବେଳେ କୁନି ନାତୁଣୀସହ ପାର୍କ ବୁଲି ବାହାରିବା ବେଳେ ତାଙ୍କର ଭାବାନ୍ତର ସୃଷ୍ଟି ହେଲା । କାରଣ ନାତୁଣୀ ତାଙ୍କୁ ପ୍ରଶ୍ନ କଲା "ଅଜା ତୁମେ ଗାଁରେ ଏକୁଟିଆ କାହିଁକି ରହୁଛ ? ଏବଂ ମୋତେ ଏଠି ଏକା ଛାଡି ଯାଉଛ " ।

ଗଦାଧର ବାବୁ ନାତୁଣୀର ପ୍ରଶ୍ନର ଉତ୍ତର ଦେବା ବଦଳରେ ବାକ୍ ରୁଦ୍ଧ ହୋଇ ନିଜ ଅତୀତ ଜୀବନର ସ୍ମୃତିକୁ ସାଉଁଟି  ଭାବନା ରାଜ୍ୟରେ ବିଚରଣ କରିବାକୁ ଲାଗିଲେ ।

କାଲିପରି ଲାଗୁଛି, ନିଜର ସ୍ତ୍ରୀ, ଦୁଇ ପୁଅ ଝିଅଙ୍କୁ ନେଇ ସେ ସଂସାର ଆରମ୍ଭ କରିଥିଲେ । ଚାକିରୀ କାମ ଯୋଗୁଁ ଅଧିକାଂଶ ସମୟ ବିଦେଶରେ ରହିଲେ ମଧ୍ୟ ଛୁଟି ମିଳିଲା ମାତ୍ରେ  ସେ ଘରକୁ ଧାଇଁ ଆସନ୍ତି । ପିଲାମାନଙ୍କ ପାଠପଢା, ଘରର ଖର୍ଚ୍ଚ ଇତ୍ୟାଦି ସ୍ତ୍ରୀଙ୍କ ଠାରୁ ବୁଝନ୍ତି । ପରିବାରର ସାନିଧ ଲାଭ କଲାପରେ ପୁଣି କାର୍ଯ୍ୟକ୍ଷେତ୍ରକୁ ଚାଲିଯାଆନ୍ତି । କିନ୍ତୁ ମନଟା ତାଙ୍କର ସବୁବେଳେ ଘରେ ହିଁ ଥାଏ । ଘରର ଦାୟିତ୍ୱ ସମ୍ଭାଳିବା ଦ୍ୱାରା ସ୍ତ୍ରୀ ତାଙ୍କର ଅଣନିଶ୍ବାସୀ ହୋଇଯାଆନ୍ତି. ଗଦାଧର ବାବୁ ଘରକୁ ଆସିଲେ ସବୁତକ ରାଗ ଅଭିମାନ ତାଙ୍କ ଉପରେ ଅଜାଡି ଦିଅନ୍ତି । ତାଙ୍କ ଆଗରେ ଖୋଲି କହି ଦିଅନ୍ତି "ମୁଁ ଆଗ ଚାଲି ଯାଆନ୍ତି କି?" ଗଦାଧର ବାବୁ କିନ୍ତୁ ତାଙ୍କୁ ସାନ୍ତ୍ୱନା ଦେଇ କହନ୍ତି-"ଏତେ କଷ୍ଟସହି ପିଲାଙ୍କୁ ମଣିଷ କରିଛ, ଆଉ ସୁଖ ନଦେଖି ଚାଲିଯିବ" ।

କିନ୍ତୁ ହଠାତ୍ ଦିନେ ତାଙ୍କ ସ୍ତ୍ରୀଙ୍କ କଥା ସତରେ ପରିଣତ ହେଲା. ପିଲେ ମଣିଷ ହୋଇ ନିଜ ନିଜ ସଂସାର କରିବା ପୂର୍ବରୁ ସେ ଇହଲୀଳା ସଂବରଣ କଲେ । ସେଦିନ ଗଦାଧର ବାବୁଙ୍କ ପାଟିରୁ ବାହାରି ପଡିଲା "ସତରେ ତମେ ଚାଲିଗଲ"?

ତାପରେ ଗଦାଧର ବାବୁ ବହୁ କଷ୍ଟ ସହି ନିଜ ସ୍ତ୍ରୀଙ୍କ ସ୍ୱପ୍ନକୁ ସାକାର କଲେ, ପିଲାଙ୍କୁ ମଣିଷ କଲେ.

ଆଜି ନାତୁଣୀର ପ୍ରଶ୍ନ ଶୁଣି ତାଙ୍କ ତୁଣ୍ଡରୁ ଆପେ ଆପେ ବାହାରି ପଡିଲା "କିଏ କହେ ତୁମେ ଚାଲି ଗଲ"? ନାତୁଣୀ କିଛି ବୁଝି ନପାରି ପଚାରିଲା- କଣ କହିଲ ଅଜା?

ଗଦାଧର ବାବୁଙ୍କର ଗୋଟେ ହିନ୍ଦୀ ସିନେମାର ଗୋଟେ ଗୀତ ମନେ ପଡିଗଲା- "ଜନମ୍ ଜନମ୍ କା ସାଥ୍ ହେ ତୁମ୍ହାରା ହମାରା"





Lineysha std3 Soham std 3 Jaisudha Std3





Angana Std5 Lipsita Std5 Shivani St5





Swati Std 6 Pretiparna Std6 Ojaswiti Std VIII






Panyuta Std 8 Alena Std9 Tamana Std5 Divyadarshini std3

# ଜୟ ଜଗନ୍ନାଥ : ଅଣୁଶକ୍ତିନଗରର ପ୍ରଥମ ରଥଯାତ୍ରା ଅନୁଭୂତି

ପ୍ରିୟଦର୍ଶିନୀ ସାହୁ
ଏ-୨୦, ଚନ୍ଦ୍ରଭାଗା, ଅଣୁଶକ୍ତିନଗର



ଜଗନ୍ନାଥ ସଂସ୍କୃତି, ଜଗନ୍ନାଥ ପରମ୍ପରା ଆମ ଓଡ଼ିଆ ସମାଜର ଅବିଚ୍ଛେଦ୍ୟ ଅଙ୍ଗ । ଏହା ଆମର ମନ, ପ୍ରାଣ, ହୃଦୟ, ଅନ୍ତରାତ୍ମା ସହ ଓତଃପ୍ରୋତ ଭାବେ ଜଡ଼ିତ । ସେଥିପାଇଁ ବୋଧହୁଏ କିଛି ଅଧିର ଲାଗୁଥିଲା ଭାଭା ଆଣବିକ ଅନୁସନ୍ଧାନ କେନ୍ଦ୍ରର ଅଣୁଶକ୍ତି ନଗର ଅନ୍ତେବାସୀ ମାନଙ୍କୁ । କିଛିତ ଅଧୁରା ରହିଯାଇଛି ତାଙ୍କ ଜୀବନରେ । ଭାରତର ସର୍ବୋଚ୍ଚ ଗବେଷଣା କେନ୍ଦ୍ରର କେନ୍ଦ୍ରସ୍ଥଳରେ ରହିମଧ ହୃଦୟ ସବୁବେଳେ ଆଉକିଛିର ସନ୍ଧାନରେ ଉଦ୍ବେଳିତ ହେଉଥିଲା । ଭଗବତ ପୀପାଶୁ ମାନଙ୍କର ହୃଦୟର କେଉଁ କୋଣରେ ଉଙ୍କିମାରିଥିଲା ରଥଯାତ୍ରା ସମ୍ଭାବନାର ବୀଜଟିଏ । ଯାହା ଓଡ଼ିଶାର ମହାନ ପରମ୍ପରା ଓ ଐତିହ୍ୟକୁ ସାରା ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରାଇପାରିଛି । ରଥଯାତ୍ରାକୁ ନେଇ ଓଡ଼ିଶା ବାହାରେ ଗର୍ବ କରିବାର ଆନନ୍ଦ କିଛି ନିଆରା । ସେଇ ନିଆରା ଅନୁଭୂତିକୁ ବାସ୍ତବତାର ରୂପ ଦେବାକୁ ଆଗକୁ ଅଣ୍ଟା ଭିଡ଼ିଥିଲେ କିଛି ଜଗନ୍ନାଥ ପ୍ରେମୀ । ଦେଖୁଦେଖୁ ଛୋଟ ଛୋଟ ପାଣିଟୋପା ବିଶାଳ ସମୁଦ୍ରରେ ପରିଣତ ହୋଇଥିଲା । ସବୁ ପ୍ରବାସୀ ଓଡ଼ିଆ ନିଜର ମନ, ପ୍ରାଣ, ହୃଦୟ ଢାଳିଦେଇଥିଲେ ରଥାଯାତ୍ରାକୁ ସଫଳତାର ରୂପ ଦେବାକୁ । ଦିନ ନାହିଁ, ରାତି ନାହିଁ ଯେମିତି ହୃଦୟର ସହିତ ସମସ୍ତେ ଅନେଇ ରହିଥିଲେ ଜଗତର ନାଥ ଜଗନ୍ନାଥଙ୍କୁ ଅଣୁଶକ୍ତିନଗରକୁ ସ୍ୱାଗତ କରିବା ପାଇଁ । ନଥିଲା ସେଠି ସ୍ତ୍ରୀ ପୁରୁଷ ବା ଉଚ୍ଚନୀଚର ଭେଦଭାବ । ସମସ୍ତେ ଏକ ମନ ଏକ ପ୍ରାଣରେ ଲାଗି ପଡ଼ିଥିଲେ ରଥାଯାତ୍ରାର ପ୍ରସ୍ତୁତି ପାଇଁ । ହାତରେ ସମୟର ଦୈର୍ଘ୍ୟ ବହୁତ କମ୍ । ପଥରେ ବହୁତ ବାଧାବିଘ୍ନ । ନା ଥିଲା ଆମ ପାଖରେ ଜଗନ୍ନାଥ ମନ୍ଦିର, ନା ଥିଲା ମାଉସୀ ମା ମନ୍ଦିର। ତା ସତ୍ତ୍ୱେ ଚାଲିଲା ଯୁଦ୍ଧ କାଳୀନ ଭିତ୍ତିରେ ପ୍ରସ୍ତୁତି । ଜଗନ୍ନାଥଙ୍କ କୃପାରୁ ଏଥିପାଇଁ ସମ୍ବଳର ଅଭାବ ହେଲା ନାହିଁ । ଓଡ଼ିଆ ସହ କିଛି ଅଣଓଡ଼ିଆ ମଧ ସ୍ୱଇଚ୍ଛାରେ ହୃଦୟର ସହ ସହଯୋଗ କରିଥିଲେ । ସମସ୍ତ ଶକ୍ତି ସାମର୍ଥ୍ୟକୁ ଢ଼ାଳି ଦେଇଥିଲେ ଦିନ ରାତି କରି । ଲାଗୁଥିଲା ଯେମିତି ଓଡ଼ିଶା ବାହାରେ ସମସ୍ତ ଓଡ଼ିଆଙ୍କୁ ଏକ ସୂତ୍ରରେ ବାନ୍ଧିରଖିବା ପାଇଁ ଜଗନ୍ନାଥଙ୍କର ଏହା ଏକ ଆହ୍ୱାନ । ଦେଖୁ ଦେଖୁ ସେଇ ଦିନ ଆସି ପହଞ୍ଚିଥିଲା, ଯାହା ପାଇଁ ଏତେ ଉତକଂଠାର ସହ ସମସ୍ତେ ପ୍ରତୀକ୍ଷା କରି ରହିଥିଲେ ।

ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା । ଆକାଶରେ କଳା ବାଦଲର ରୋଷଣୀ । ଘଡ଼ଘଡ଼ି ଶବ୍ଦ ଆଉ ବର୍ଷାର ରିମଝିମ୍ ଶବ୍ଦ ମିଶି ଲାଗୁଥିଲା ଯେମିତି ପ୍ରକୃତି ମଧ୍ୟ ବହୁ ଉତ୍ସାହର ସହ ସ୍ୱାଗତ କରୁଛି ଜଗତର ନାଥ ଜଗନ୍ନାଥଙ୍କୁ ଏ ଧରା ପୃଷ୍ଠକୁ ଯେ ତାଙ୍କର କୃପାଦୃଷ୍ଟିରେ ଏ ଜଗତର ରୋଗ ଶୋକର ଅନ୍ତ କରିବେ । ଆକାଶକୁ ଦେଖି ଲାଗୁଥିଲା ଯେମିତି ଭଗବାନଙ୍କର କୃପା ବରଷିପଡୁଛି ଏ ଧରା ବକ୍ଷରେ । ଯାହା ହେଉ ଖରା ବାଦଲର ଲୁଚକାଳି ଖେଳ ଭିତରେ ଅତି ଆନନ୍ଦର ସହ ସମସ୍ତେ ପ୍ରାଣଭରି ଉପଭୋଗ କରିଥିଲେ ରଥଯାତ୍ରା । ଘଣ୍ଟ, ଘଣ୍ଟା, ମୃଦଙ୍ଗ, ଝାଞ୍ଜ, କରତାଳିରେ ତାଳଦେଇ ଝୁମିଥିଲେ ଓଡ଼ିଆ ବାସୀ । ସଂଗୀତ, ଓଡ଼ିଶୀ ନୃତ୍ୟରେ ପ୍ରତିଧ୍ୱନିତ ହୋଇଥିଲା ଅଣୁଶକ୍ତି ନଗର । କୁନି କୁନି ପାଦରେ ବନ୍ଧା ଘୁଙ୍ଗୁରର ରୁଣୁଝୁଣୁ ଶବ୍ଦ ପ୍ରତିଟି ଅଙ୍ଗରେ ସ୍ପନ୍ଦିତ କରୁଥିଲା ସଂଗୀତର ମଧୁର ମୂର୍ଚ୍ଛନା । ତା ସହ ହୁଳହୁଳି, ଶଙ୍ଖ ଧ୍ୱନି ମିଶି ଏକ ଅପୂର୍ବ ପରିବେଶ ସୃଷ୍ଟି ହୋଇଥିଲା । ରଥକୁ ଟାଣି ଟାଣି ନେବାରେ ଯେଉଁ ଅନନ୍ତର ଆନନ୍ଦ ତାହା ଜଣେ ଅନୁଭବି ହିଁ ଅନୁଭବ କରିପାରେ । ଏହି ଉତ୍ସାହ ଆନନ୍ଦର ସହ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କୁ ମାଉସୀ ମା' ଘରେ ଅବସ୍ଥାପିତ କରିବା ପରେ ସମସ୍ତ ଭକ୍ତ ମାନଙ୍କ ପାଇଁ ପ୍ରସାଦର ସେବନ ବ୍ୟବସ୍ଥା ହୋଇଥିଲା । ତା ପରେ ନଅ ଦିନ ଧରି ପୂଜା, ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ପ୍ରସାଦ ମଧ୍ୟ ରହିଥିଲା । ସେହି ଦିନମାନଙ୍କରେ ପ୍ରତ୍ୟେକ ଓଡ଼ିଆର ମୁଖରେ ଫୁଟିଉଠୁଥିଲା ଅପୂର୍ବ ଆନନ୍ଦ । ସେହି ଆନନ୍ଦ ଥିଲା ନିଜ ପାଇଁ, ନିଜ ଜାତି ପାଇଁ, ନିଜ ମାଟି ପାଇଁ କିଛି କରିପାରିବାର ଆନନ୍ଦ, ନିଜକୁ ଓଡ଼ିଆ ଭାବେ ପ୍ରତିଷ୍ଠିତ କରିପାରିବାର ଆନନ୍ଦ । ଦେଖୁ ଦେଖୁ ବାହୁଡ଼ା ଯାତ୍ରା ଆସି ପହଞ୍ଚି ଯାଇଥିଲା । ଠିକ୍ ସେହି ଉତ୍ସାହ, ଉଦ୍ଦୀପନାର ସହ ସମାପନ ହୋଇଥିଲା ବାହୁଡ଼ା ଯାତ୍ରା। ହଜାର ହଜାର ସଂଖ୍ୟାରେ ଭଗବତ ପ୍ରେମୀ ମାନଙ୍କର  ଯୋଗଦାନ ଦେଖି ଲାଗୁଥିଲା ଯେମିତି ସମସ୍ତେ ଚାତକର ଆଖି ନେଇ ଚାହିଁ ରହିଥିଲେ କେବେ ଜଗନ୍ନାଥଙ୍କର ପାଦ ପଡ଼ିବ ଏହି ମାଟିକୁ ପବିତ୍ର କରିବା ପାଇଁ।

ସର୍ବଶେଷରେ ଆମେ ଜଗତର ନାଥ ଜଗନ୍ନାଥଙ୍କର ପାଦତଳେ କୋଟି କୋଟି ପ୍ରଣାମ କରୁଛୁ ଯେମିତି ଆଜିର ବୀଜ କାଲି ଏକ ବିଶାଦ ବୃକ୍ଷର ରୂପ ନେଉ । ଆଉ ତା'ର ଶାଖା ପ୍ରଶାଖା ଏ ବିଶ୍ୱର ସମସ୍ତଙ୍କୁ ଦୁଃଖ, ରୋଗ ଓ ଶୋକରୁ ମୁକ୍ତ କରୁ । ଭଗବାନଙ୍କର ପାଦତଳେ ଏତିକି କାମନା ।



# ସଂକ୍ରମଣ

**ଦୀପ୍ତି ରଞ୍ଜନ ଶତପଥୀ**
ବାଲିକୁଦା, ଜଗତସିଂହପୁର

କମ୍ପାନୀର ମୁଖ୍ୟ ଫାଟକ ସମ୍ମୁଖରେ ଯାଇଥିବା ରାସ୍ତା କଡ଼ରେ ବୃଦ୍ଧଜଣକ ବସି ବାରମ୍ବାର କହୁଥାଏ-"ବାବୁ ଗରୀବକୁ ପଇସାଟିଏ ଦିଅ, ତୁମର ଧର୍ମ ହେବ" । କାହାର ଯଦି ଇଚ୍ଛା ହେଉଥାଏ, ପଇସାଟିଏ ପକାଇଦିଏ ନ ହେଲେ ବିପରୀତ ଦିଗକୁ ମୁହଁ କରି ନ ଦେଖିବା ଭଳି ଚାଲିଯାଉଥାଏ । ସେତେବେଳେ ବର୍ଷାଋତୁ ଶେଷ ସମୟ । ରାସ୍ତାର ଖାଲ ମାନଙ୍କରେ ବର୍ଷାଜଳ ଜମିରହିଥାଏ । ଠିକ୍ ଏହି ସମୟରେ କାର୍ ଟିଏ ଦ୍ରୁତ ଗତିରେ ଚାଲିଆସିବାରୁ ରାସ୍ତାରେ ଜମି ରହିଥିବା ପାଣିରେ ଭିଜିଯାଇଥିଲେ ଭିକ୍ଷା କରୁଥିବା ବୃଦ୍ଧଜଣକ । ହେଲେ ଏଥିପାଇଁ ସେ ବେଶୀ ବିବ୍ରତ ହେଲାଭଳି ଜଣାପଡୁନଥାନ୍ତି । କିନ୍ତୁ କାର୍ ଚାଳକଜଣକ କିଛି ଦୂରରେ ଗାଡ଼ି ରଖି ଆସି ପହଁଚି ଥିଲେ ବୃଦ୍ଧଙ୍କ ନିକଟରେ । ନିଜର ଅସାବଧାନତା ପାଇଁ କ୍ଷମାଭିକ୍ଷା କରିଥିଲେ । ବୃଦ୍ଧ କହିଥିଲେ ଏ ସବୁର କୌଣସି ଆବଶ୍ୟକତା ନାହିଁ, ଏମିତି ଦେଖିବାକୁ ଗଲେ ରାସ୍ତାକୁ ଲାଗି ବସିବା ବ୍ୟକ୍ତିଠାରେ ଅପରିଷ୍କାର ପାଣି କାଦୁଅ ଛିଟିକି ପଡ଼ିବା ତ ଗୋଟାଏ ସାଧାରଣ ଘଟଣା।

ମଉସା ତୁମେ ତ ମୋ ଜେଜେଙ୍କ ବୟସର ହେବ । ମୁଁ ନୂଆ ନୂଆ ଗାଡ଼ି ଚଲାଉଛି ତ ସେଥିପାଇଁ ଏମିତି ହେଲା । ସେଥିପାଇଁ ମୁଁ ବହୁତ ଦୁଃଖୀତ, କହିଥବଲେ ଯୁବକଜଣକ । ତଥାପି ଘୋଡ଼ି ପୋଡ଼ି ହୋଇ ବସିଥିବା ବୃଦ୍ଧ ଜଣକ ସଫାସଫି ହେବା ପାଇଁ ଏତେଟା ତତ୍ପର ନଥିବା ଦେଖି ଯୁବକଜଣକ ନିଜ ହାତରେ ଚାଦର ଖଣ୍ଡିକ କାଢ଼ିଦେଇଥିଲେ ତାଙ୍କ ଦେହରୁ । ଖାଲି ଦେହରେ ବୃଦ୍ଧଜଣଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ ସେ । "ଆଜିର ଏ ଭୁଲ ପାଇଁ ମୁଁ ଅତ୍ୟନ୍ତ ମ୍ରିୟମାଣ । ଏହି ଭୁଲର ପ୍ରାୟଶ୍ଚିତ ପାଇଁ ମୋତେ ଟିକିଏ ସୁଯୋଗ ଦିଅନ୍ତୁ । ଦିନକର ଭିକ୍ଷା ବାବଦକୁ ଏହି ପାଞ୍ଚଶହ ଟଙ୍କା ରଖନ୍ତୁ ଓ ମୋ ସହିତ ଆସନ୍ତୁ । ମୁଁ ଆପଣଙ୍କୁ ଆପଣଙ୍କ ଘରେ ଛାଡ଼ିଦେଇ ଆସିବି" । ଏତିକି କହି ଯୁବକଜଣକ ବୃଦ୍ଧଙ୍କୁ ଆଣି ନିଜ ଗାଡ଼ିରେ ବସାଇଲେ ।

କ'ଣ ଆପଣଙ୍କ କେହି ପରିବାରର ଲୋକ ନାହାନ୍ତି ? ଏ ବୟସରେ ଏମିତି ଅବସ୍ଥାରେ ଭିକ୍ଷା କରୁଛନ୍ତି ? ଏଭଳି ଅନେକ ପ୍ରଶ୍ନ ଯୁବକଜଣକ ଯିବା ବାଟରେ ବୃଦ୍ଧଙ୍କୁ ପଚାରିଥିଲେ । ଉତ୍ତରରେ ବୃଦ୍ଧଜଣକ କହିଲେ, "ସମସ୍ତେ ଅଛନ୍ତି, ହେଲେ ଥାଇ ନଥିବା ଭଳି । ହଁ ମୁଁ ତ ଜୀବନରେ ବଡ଼ବଡ଼ ଭୁଲ୍ କରିଛି, ଯେଉଁଥିପାଇଁ ଆଜି ମୁଁ ଦଣ୍ଡ ଭୋଗୁଛି । ଅଯଥା ଆଉ କାହାକୁ ଦୋଷ ଦେଇ ଲାଭ କ'ଣ ?

କମ୍ପାନୀ କଲୋନୀରେ ଲାଗିଥିଲା ଗାଡ଼ି । ବୃଦ୍ଧଜଣଙ୍କୁ ଘରେ ଛାଡ଼ୁ ଛାଡ଼ୁ ଯୁବକଜଣକ ଜାଣିବାକୁ ଚାହିଁଥିଲେ ଯେ କେଉଁ ଭୁଲ୍ ପାଇଁ ଆଜି ସେ ଏପରି ଦୁର୍ଦ୍ଦଶା ଭୋଗୁଛନ୍ତି ।

ବୃଦ୍ଧଜଣକ କହିଥିଲେ - "ଏଇ ଦେଖ, ସେଇ ଯେଉଁ ଚିମିନିରୁ ଧୂଆଁ ବାହାରୁଛି - ସେଇଠି ଥିଲା ଗୋଟେ ବଡ଼ ବରଗଛ । ପଥର ଚାନ୍ଦିନୀ ହୋଇଥବଲା । ଖରାଦିନେ ସେଠି ଜଣେ ବସିଗଲେ, ଆଖିକୁ ନିଦ ଝାଙ୍କି ଆସୁଥିଲା ..... ।"

ହଁ ସେଠାରେ ତ ଆମ କମ୍ପାନୀ ଚାଲିଛି, ହେଲେ ସେ କମ୍ପାନୀ ସହିତ ତମର ସଂପର୍କ କ'ଣ? ପଚାରିଥିଲେ ଯୁବକ ।

"ତେବେ ଶୁଣ; ଆଜିକାଲି ଭଳି ସେତେବେଳେ ବିଜୁଳିବତୀ, ଫ୍ୟାନ୍, ଏସି ଇତ୍ୟାଦିର ଏତେଟା ସୁବିଧା ନଥିଲା । ଯେତେବେଳେ ଦେଖିବ ସେହି ବରଗଛ ମୂଳ ଚାନ୍ଦିନୀ ଉପରେ କିଏ ବସିଥିବେ ତ କିଏ ନିଘୋଡ଼ ନିଦରେ ଶୋଇ ଘୁଙ୍ଗୁଡ଼ି ମାରୁଥିବେ । କେତେ ଗପସପ, ଥଟ୍ଟା ତାମସା, ତାସ୍ ଖେଳଠାରୁ ଆରମ୍ଭ କରି ସବୁ ମନୋରଞ୍ଜନ ଓ ଗୁରୁତ୍ୱପୂର୍ଣ୍ଣ ଆଲୋଚନାର ଏହା ଥିଲା ପେଣ୍ଠସ୍ଥଳୀ । ହେଲେ ହଠାତ୍ ଦିନେ ଶନିଙ୍କର କୋପଦୃଷ୍ଟି ପଡ଼ିଗଲା ଏହି ସ୍ଥାନ ଉପରେ । ଉଦୁଉଦିଆ ଖରାବେଳେ, ଆମେ ସବୁ ଚାନ୍ଦିନୀ ଉପରେ ବସିଥାଉ, ଠିକ୍ ଏହି ସମୟରେ ଦୁଇଟା ଜିପ୍ ଗାଡି ଆସି ଲାଗିଲା । ତୁମରି ଭଳି ଗୋରା ଗୋରା ସାହିବମାନେ ହଠାତ୍ ଓହ୍ଲାଇପଡ଼ିଲେ ସେହି ଗାଡ଼ିରୁ । ଶତ୍ରୁମାନଙ୍କୁ ବିଭିନ୍ନ ଦିଗରୁ ଆକ୍ରମଣ କରିବା ଭଳି ଚାରିଆଡ଼କୁ ଖେଦିଗଲେ ସେମାନେ । ଶେଷରେ ବଢ଼ିଆ ବଢ଼ିଆ କଥା କହି ଆମକୁ ଆସି ହାତ ଯୋଡ଼ି ନମସ୍କାର କଲେ । କଥାବାର୍ତ୍ତା ହେବାପରେ ଜାଣିବାକୁ ପାଇଲୁ ଯେ, ସେମାନେ ସବୁ ସରକାରୀ ଅଫିସର ଓ ତାଙ୍କ ସହିତ କେଉଁ ବାହାର ଦେଶର ବାବୁମାନେ ଆସିଛନ୍ତି । ଏଠାରେ ଗୋଟାଏ ବଡ଼ କମ୍ପାନୀ ହେବ । ଚାଷଜମିଠାରୁ ଘରଡ଼ିହ ପର୍ଯ୍ୟନ୍ତ କମ୍ପାନୀ ଦରକାର ପଡ଼ିଲେ ସବୁ ନେଇଯିବ । ପ୍ରତି ବଦଳରେ ଜମିର ପ୍ରକୃତ ମୂଲ୍ୟର ପାଞ୍ଚଗୁଣ ଅଧିକ କ୍ଷତିପୂରଣ ଦେବ । ପରିବାରରୁ ଜଣକୁ କମ୍ପାନୀରେ ନିଯୁକ୍ତି, ରହିବା ପାଇଁ ବାସଗୃହ ଇତ୍ୟାଦି ଅନେକ ସୁବିଧାମାନ ଯୋଗାଇଦେବ" ।

ସେଦିନ ସେହି ଆଲୋଚନା ମଧ୍ୟରେ ଜନ୍ମମାଟିକୁ ଅତି ନିବିଡ଼ଭାବରେ ଭଲପାଉଥିବା କେତେଜଣ ବ୍ୟକ୍ତି ସିଧା ସିଧା ନାହିଁ କରିଥିଲେ । କହିଥିଲେ ସାମାନ୍ୟ କିଛି ଅର୍ଥପାଇଁ ଆମେ ସାତପୁରୁଷର ଭିଟାମାଟିକୁ ଅନ୍ୟ ହାତରେ ଏମିତି ଟେକି ଦେଇପାରିବୁ ନାହିଁ । ଦରକାର ପଡ଼ିଲେ ଏ କମ୍ପାନୀ କରାଇ ନ ଦେବା ପାଇଁ ଜୀବନକୁ ଆମେ ବାଜି ଲଗାଇଦେବୁ ।

ବଡ଼ବଡ଼ ପାଠୁଆ ଅଫିସରଙ୍କ ମୁହଁ ଉପରେ ଏମିତି ରୋକ୍ ଠୋକ୍ ମନା କରିଦେବା ସହିତ କଡ଼ା ଭାଷା ପ୍ରୟୋଗ କରିବା କ'ଣ ଠିକ୍ ? ତା'ପରେ ସେମାନେ ତ ମାଗଣା ଏ ସବୁ

ମାଡ଼ିବସୁନାହାନ୍ତି । ଏ ବାବଦକୁ ଅନେକ କିଛି ଦେବାକୁ ପ୍ରସ୍ତୁତ । ତେଣୁ ଆମେ କେତେଜଣ ସାହସ ଜୁଟାଇ କହିଥିଲୁ "ଜମିରୁ ଏମିତି କେତେ ଫଳୁଛିକି ? ଯଦି ଆମକୁ ଜମି ବାବଦକୁ ମୋଟା ଅଙ୍କର କ୍ଷତିପୂରଣ, ପିଲାଙ୍କ କର୍ମ ସଂସ୍ଥାନ ଓ ରହିବା ପାଇଁ ବାସଗୃହ ମିଳିବ, ତେବେ ଭବିଷ୍ୟତ ତ ଆମର ଉଜ୍ଜଳମୟ ହୋଇଉଠିବ" ।

ସେମାନେ ରାଗିଯାଇ କହିଥିଲେ, "ପଇସାପାଇଁ ତୁମେ ତ କିଛି ବି କରିପାର । ଜନ୍ମମାଟି କ'ଣ  ପଇସାପାଇଁ ତୁମେ ତ ବୁଢ଼ା ବାପା, ମା", ସ୍ତ୍ରୀ, ପିଲା-ଛୁଆଙ୍କୁ ମଧ୍ୟ ବଜାରରେ ଶାଗ-ମାଛ ମୂଲ୍ୟରେ ନିଲାମ କରିବାକୁ ପଛାଇବ ନାହିଁ ।"

ଏମିତି ପରସ୍ପର ବଚସା ମଧ୍ୟରେ ଅଫିସରମାନେ ଫେରିଯାଇଥିଲେ ସେଦିନ । ହେଲେ ସେହି ଦିନଠାରୁ ଆମେ ଦୁଇ ଗୋଷ୍ଠୀରେ ବିଭକ୍ତ ହୋଇଗଲୁ । କମ୍ପାନୀ ସପକ୍ଷବାଦୀ ଓ କମ୍ପାନୀ ବିପକ୍ଷବାଦୀ । ସେମାନେ କମ୍ପାନୀ କରାଇ ନ ଦେବା ପାଇଁ ଧର୍ମଘଟ, ହରତାଳ, ଶୋଭାଯାତ୍ରା କରିବା ସମୟରେ ଆମେମାନେ ମଧ୍ୟ କମ୍ପାନୀ ହେଉ ବୋଲି ନାରାବାଜି ଦେଉଥିଲୁ । ପରସ୍ପର ଛକାପଞ୍ଝା ଖେଳ ମଧ୍ୟରେ ଅବସ୍ଥା ଗାଳିମନ୍ଦଠୁ ମାଡ଼ ଫୌଜଦାରୀ ପର୍ଯ୍ୟନ୍ତ ଗଲା । ସରକାରଙ୍କ ତରଫରୁ ପୋଲିସ୍ ଛାଉଣୀ କରିଦିଆଗଲା । ଦିନରାତି ପୋଲିସ୍ ପହରା ଦେଲା । ତଥାପି ଲାଗିରହିଥାଏ ଭୟ ଓ କେତେବେଳେ କିଛି ବି ଘଟିଯିବାର ଆଶଙ୍କା ।

ଠିକ୍ ସେଇଆ ମଧ୍ୟ ହେଲା । ଦିନେ ରାତିରେ ଆମେ ସମସ୍ତେ ଖାଇ ପିଇ ଶୋଇଛୁ । ସମୟ ରାତି ଗୋଟାଏ ପାଖାପାଖି ହେବ । ଆମ କବାଟକୁ ଆସି  କେତେଜଣ  ଠକ୍ ଠକ୍  କଲେ । ସାହାସ ବାନ୍ଧି ପଚାରିବାରୁ ସେମାନେ ଆମ ସପକ୍ଷବାଦୀର ସୁରେଶ, ବଇଁଶୀ, ମଧୁଆ ଆଦି ବୋଲି ପରିଚୟ ଦେଲେ । କବାଟଟା ଯେମିତି ଖୋଲିଛି, ଜଣେ ମୋ ପାଟିକୁ ମାଡ଼ିବସିବା ସହିତ ଅନ୍ୟମାନେ ମୋତେ ଶୂନ୍ୟରେ ଟେକି ନେଇଯାଇଥିଲେ ନଦୀପଠାର ଏକ ନିକାଞ୍ଚନ ସ୍ଥାନକୁ । ମନଇଚ୍ଛା ନିଯୁକ୍ତ ମାଡ଼ ମାରିଥିଲେ ସେଠାରେ । ଚେତା ଫେରିବା ପରେ ମୁଁ ନିଜକୁ ଆବିଷ୍କାର କରିଥିଲି କଟକ ବଡ଼ ମେଡ଼ିକାଲର ଯଶ୍ୟା ଉପରେ । ଏତେବଡ଼ ଦୁର୍ଘଟଣାର ଦୁଃଖ ମୁଁ କିନ୍ତୁ କିଛି ମାତ୍ରାରେ ଭୁଲିଯାଇଥିଲି, ଯେଉଁଦିନ ମୋ ପୁଅକୁ କମ୍ପାନୀରେ ଚାକିରୀ ମିଳିଗଲା । କମ୍ପାନୀ ଏହି ସୁନ୍ଦର ବାସଗୃହଟି ଯୋଗାଇଦେବା ସହିତ କ୍ଷତିପୂରଣ ବାବଦକୁ ମୋଟା ଅଙ୍କର ଅର୍ଥ ପ୍ରଦାନ କରିଥିଲା, ହେଲେ ବିପକ୍ଷବାଦୀଙ୍କ ଅଭିଶାପ ଯେ ଅକ୍ଷରେ ଅକ୍ଷରେ ଫଳିଥିଲା ତାହା ମୁଁ ବର୍ତ୍ତମାନ ଅନୁଭବ କରୁଛି । ଯେଉଁ ଅଭିଶାପ ଥିଲା "ଯେମିତି ଜନ୍ମମାଟିକୁ ନିଲାମ କରି ଅନ୍ୟ ହାତରେ ଟେକି ଦେବାକୁ ସହାୟତା କରିଛୁ ସେମିତି ବୁଢ଼ା ବୟସରେ ତୋ ପୁଅ ଝିଅ ତୋ ମୁହଁ ଚାହିଁବେନି" । ଠିକ୍ ସେଇଆ ହେଲା । ଧନୀ ଓ ସଂଭ୍ରାନ୍ତ  ପରିବାରରେ  ପୁଅର  ବାହାଘର   ହେଲା । ବାହାଘରର କିଛିଦିନ ପରେ ବୋହୂ ମୋ ପରି ହାତଖଣ୍ଡି ବୁଢ଼ା ସହିତ ରହିବାକୁ ଲାଜ ଲାଗୁଛି ବୋଲି କହିବା ସହିତ ବାହାରେ ରହିବା

ପାଇଁ ପୁଅ ପାଖରେ ଜିଦ୍ କରିଥିଲା । ଶେଷକୁ ପୁଅ ମଧ୍ୟ ସେଇଆ କଲା । କ୍ଷତିପୂରଣ ରାଶିରେ ବଡ଼ ସହରରେ ଅତ୍ୟାଧୁନିକ ଅଟ୍ଟାଳିକାରେ ବସବାସ କଲେ ସେମାନେ । ଆମେ ମଲୁଣି କି ହଜିଲୁଣି ଦିନେ ଦେଖିବାକୁ ବି ତା ପାଖରେ ସମୟ  ନାହିଁ । ଏବେ ମୁଁ ଭାବୁଛି "ଏ ବିପକ୍ଷବାଦୀମାନେ ମୋ ହାତ ଦିଟା ନକାଟି ଯଦି ମୋ ବେକକୁ କାଟି ଦେଇଥାନ୍ତେ ମୁଁ ବେଶୀ ଖୁସି ହୋଇଥାଆନ୍ତି । କାରଣ ମୁଁ କୃତଘ୍ନ, ମୁଁ ଅର୍ଥ ଲୋଭରେ ମୋ ଜନ୍ମମାଟି ବା ମୋ ମା'କୁ ଅନାଥ କରିଛି, ଆମକୁ ଆମ ବିଷ୍ଣୁ ଅନାଥ କରି ନଥାନ୍ତା କିପରି" ।

ବୃଦ୍ଧ ଲୋକଟିର ପାଟିରୁ ବିଷ୍ଣୁ ନାଁଟି ଶୁଣି ତାଙ୍କ ପୁଅର ନାମ ପଚାରିଲା ଯୁବକ ଜଣକ । ପୁଅର ନାମ ବିଷ୍ଣୁ ବଲ୍ଲଭ ଜେନା ବୋଲି ଶୁଣି କହୁ କହୁ କହି ପକାଇଲେ ଆପଣଙ୍କ ନାମ ବୈରାଗୀ ଜେନା ନୁହେଁ ତ ? ହଁ ଠିକ୍ ବୋଲି କହିଲେ ବୃଦ୍ଧ ଜଣକ । ହେଲେ ତାଙ୍କ ନାମ ଯୁବକ କିପରି ଜାଣିଲେ ବୋଲି ପଚାରିବାରୁ, ଛଳ ଛଳ ଆଖିରେ ଯୁବକଜଣକ ବୃଦ୍ଧଙ୍କୁ କୋଳକୁ ଟାଣିଆଣି କହିଥିଲେ, "ମୁଁ ଆଉ କେହି ନୁହେଁ, ମୁଁ ତୁମର ହତଭାଗ୍ୟ ନାତି ନରେଶ । ମୁଁ ଅଧିକ ପାଠପଢ଼ି ଏହି କମ୍ପାନୀରେ ଏକ ଉଚ୍ଚ ପଦସ୍ଥ ଅଧିକାରୀ ରୂପେ ଅଲଗା ହୋଇ ଅନ୍ୟତ୍ର ବାସ କରୁଛି । କାରଣ ମୋ ସ୍ତ୍ରୀର ଏକା ଜିଦ୍ ଯେ, କାଶ କଫରେ ଘାଣ୍ଟି ହେଉଥିବା ବୁଢ଼ାବୁଢ଼ୀଙ୍କ ପାଖରେ ମୋ ପୁଅ ରହିଲେ ତାକୁ ରୋଗ ସଂକ୍ରମିତ ହେବ । ମୁଁ ମଧ୍ୟ ମୋ ସ୍ତ୍ରୀକୁ ଭଲ କରି ବୁଝାଇ ଦେଇଛି ଯେ, ଆମେ ବୁଢ଼ା ବୁଢ଼ୀ ହେଲାବେଳକୁ ଏକୁଟିଆ ରହିବାର ରୋଗଟା ଯେ ଆମ ପୁଅ ନିକଟକୁ ନିଶ୍ଚିତ ସଂକ୍ରମିତ ହୋଇସାରିଥିବ । ଏଥବରେ ସନ୍ଦେହର  ସାମନ୍ୟତମ ଅବକାଶ ନାହିଁ।




**Past and Present Committee Members on April 29, 2018**

# Imaginations of a five year old



Kum. Devashree Mohapatra,
47, Mussorie

## Love Song

Love, love your Mom, love your Mom,
love your Mom very much.
Love, love your Dad, love your Dad,
love your Dad very much.
Love, love yourself, love yourself,
Love yourself very much.
Love, love your School, love your School,
love your School very much.
Love, love your Teachers, love your Teachers,
love your Teachers very much.
Love, love your State, love your State,
love your State very much.
Love, love your Country, love your Country,
Love your Country very much.
Love, love all Birds,
love all Animals,
love all Trees very much.
Love, love all People, love all People,
Don't hate them ever…………..

## HOTS HOSPITAL

Do you know what I call my house? I call it as HOTS HOSPITAL. Are you now thinking why? Yes, HOT is for Hotel, S is for School and Hospital is Hospital you know. Here I have great foods like a very good hotel every day. I learn new things, read and do my study, so it is like a School to me. When I fall ill, my mom take a good care of me here and my illness goes away. So my home is my loving HOTS HOSPITAL and I love it very much. Got it friends….

# GLIMPSES OF RATHA YATRA 2018



# ରଥ ଯାତ୍ରା ୨୦୧୮ ର ଦୃଶ୍ୟ



# GLIMPSES OF ANNUAL DAY 2017-18


Inaguration of Annual Day by Chief Guest Shri Sadhu Barla, Head Zonal Office (Sion) SBI










# ବାର୍ଷିକ ଉତ୍ସବ ୨୦୧୭-୧୮



















ANUSHAKTINAGAR ORIYA ASSOCIATION ANNUAL DAY
APRIL 29 2018


APRIL 29 2018







All Nominations of

# ସଛିଦାନନ୍ଦ ମିଶ୍ର ମେମୋରିଆଲ ଆୱାର୍ଡ ୨୦୧୭-୧୮

## SACHIDANANDA MISHRA MEMORIAL AWARDS 2017-2018

**For Academic Excellence**



### *Aditya Mishra*

For his academic excellence in
10 Standard CBSE examination,
securing 96.6% marks.



### *Anwesh Mohanty*

For his academic excellence in
12th Standard Examination 90.3%
JEE Main AIR 77 Mumbai Topper,
AIR 1 Maths JEE Advanced AIR 108,
AIR 1 Maths 120/120



### *Oshika Nayak*

For her academic excellence
in HSC (Arts) securing 1st



### *Tanisha Satpathy*

For her Academic Excellence in
10 Standard CBSE examination,
securing 93.4% marks



### *Jyoti Prakash Dikshit*

For his Academic Excellence in
10th Standard CBSE examination,
securing 94.4% marks.

# GLIMPSES OF KALINGA MAHOTSAV 2017



Inaguration of Kalinga Mahotsav by Honourable Minister of Culture, Ashok Panda, Smt Prativa Ray and Dr Abhaya Kumar Naik









# କଳିଙ୍ଗ ମହୋତ୍ସବ ୨୦୧୭














# THE OCEANS TO CROSS BEFORE WE SLEEP

**Deepti Ranjan Hota**
Scientific Officer (F), RED, BARC, Mumbai

*Life is full of hurdles*
*With no boat or ship*
*And, there are oceans to cross*
*Before we sleep*

This statement describes the life of a modern man in a nutshell. Man tries to overlook his difficulties by taking recourse to material achievements, but finally grumbles that he has not achieved anything. Simply by manipulation can one not get things of real value, i.e., those that give real pleasure. To get something real, he will have to cross some ocean, figuratively speaking. So, let me speak something on these oceans, in the way I understand. There are seven oceans in life. Crossing even one of them is enough for an individual to achieve a kingly status. One does not have to manipulate things, nor will one have to bend before wicked persons, to get the object of desire.

One simply has to cross one of the seven oceans, and he conquers things. Such is the strange Law of Nature. Ocean is called Ratnakara, i.e., it is a store-house of jewels. “Jewels” here means, high achievements with real pleasure. And, crossing the ocean means, you are conquering the ocean’s presiding deity. So, all the jewels of the ocean are accessible to you. Finally, what are these oceans of life? These are nothing but the most infamous negativities such as the following.

1. Kama (Sex-attraction for the women of others),

2. Krodha (sinful rage, i.e., anger beyond limit),

3. Lobha (eyeing on others’ properties),

4. Moha (infatuations for wrong persons),

5. Mada (having profound hatred for someone without knowing him/her properly),

6. Matsarya (para-sri-katarata, i.e., not tolerating others’ progress and prosperity), and,

7. Ahamkara (thinking oneself to be the best one ever).

As you go from the first to the 7th one, the depth of the ocean keeps increasing, i.e., the sin- level keeps increasing. The last three (Mada, Matsarya and Ahamkara) are involved with so much sin that Lord Visnu, The Supreme One, is quite

displeased with a person who is entangled in any of these three. Lord Visnu tolerates the 1st four somehow, but He does not tolerate the last three. Indra-deva had kama. Bhima had Krodha. Sudama-brahmana had Lobha. And, Arjuna had Moha. But the Lord tolerated these negativities, and so Indra, Sudama, Bhima and Arjuna are still known to be great devotees of the Lord, despite their shortcomings. This does not, however, mean that one should remain submerged in any of the 1st four oceans and Lord Visnu will allow the devotee to stay like that! I mean to say that the 1st four oceans provide less degree of hurdle compared to the last three. But, they are hurdles anyway! And, they are supposed to be overcome.

Crossing any of these oceans is like crossing death. It is really so difficult! But, if by chance one crosses any of these oceans by some means or other, one will definitely become equal to a king, without doubt, in fact, an invincible king. And, in the next life, one will actually be born in a royal family. I say, “next life”, because, one has to first exhaust the pending prarabdha karma, before getting the good fruit of one’s sadhana of the present life. Generally, one does not get the fruit of one’s hard sadhana of the present birth in the same body. Well, some lucky people get the good fruit even in the present life, but at the senile old-age only. These aforesaid oceans are like the seven gates to the realm of greatness. If one crosses any of these oceans, he is a Tapaswi, for he has done real tapasya. And, Lord Siva says, “Anyone who gets success in Tapasya will certainly get boons from Me, irrespective of whoever he may be, whatever his initial status may be”. Arjuna, the Pandava hero, had four wives, but still, he may be considered to be one of the topmost brahmacharis (celibates) given his extreme purity in sex-matters. He defeated Urvasi, the most beautiful woman of heaven. Generally, apsaras are so beautiful that, by a mere sight of any of them, a man of the earth will faint in ecstasy. The apsaras are the maid-servants of Indra-deva. Among the apsaras, the most powerful are Rambha, Menaka and Urvasi – powerful means, having the (attractive) power to break the continence and ego of great ascetics. Indra sends ordinary apsaras to foil the austerities of Rishis, unless the Rishi is that strong in mind. Only in rare cases does Indra-deva sends Rambha, and then Menaka. As everyone knows, Menaka was deployed to disturb Rishi Viswamitra, who was very famous for his deadly tapasya-power. Vasistha Rishi admitted before his wife that Viswamitra Rishi was the greatest among tapaswis. So, Menaka, the 2nd great apsara, was sent to foil his Tapasya. But, Urvasi is not sent to felicitate any Rishi because Indra-deva is quite possessive of Urvasi, just like his second wife, as it were. Only in one rarest case – that of Vibhandaka Rishi – was Urvasi sent to the field. Given the greatness of Urvasi and Vibhandaka Rishi, one extremely knowledgeable son was born of their union, and his name was Risya-sringa Rishi. It is said that Lord Rama had an elder sister named Santa, who became the wife of Risya-sringa Rishi. Lord Rama’s brother-in-law means, Rishi Risya-sringa must be an extremely great personality. What I want to stress here is that the same Urvasi, whose powers no great Rishi could

resist, was defeated by Arjuna, who was a Kshatriya, and not a Brahmana. A Brahmana is supposed to be a better brahmachari than a Kshatriya. When Urvasi, being captivated by Arjuna's beauty and chivalry, was dying for a love-embrace with him, Arjuna politely said, "Please try to understand. You are of my mother's category. So, I can't even think of what you request of me. Pray, don't make me be ashamed anymore". Urvasi tried to explain that Arjuna won't commit any sin by uniting with her. Urvasi said, "Arjuna, we are not anyone's mothers. We are everyone's wives. We are made by Nature in that way". But Arjuna could not think of an erotic touch on Urvasi's beautiful body, even though Urvasi was second to none in her ethereal beauty and good qualities. Arjuna constantly thought that Urvasi was the wife of one of his ancestors, and hence, a mother to him. Feeling defeated, Urvasi got very angry and cursed Arjuna. Indra-deva praised Arjuna lavishly for the latter's immaculate purity of mind. Due to this purity of Arjuna, even the Supreme Lord felt humbled, and He agreed to serve Arjuna in a lower capacity (as Arjuna's chariot-driver). Lord Krishna was conquered by Arjuna because of the latter's purity of mind. Arjuna fully crossed the 1st ocean cited above. The Lord is conquered by one who crosses any one of the seven oceans, for one needs high degree of bhakti to cross any of these oceans. Needless to say, one's bhakti is not mature if one did not cross one of these seven oceans. A man's bhakti to God is not recognized by great personalities like the demi-gods, unless he crosses one of these seven oceans. As one author, Mr J-Pattanayak of Balasore, said in his article, "*Yoga-Kshemam Bahamyaham*", in the 2017-issue of the Anulipi-magazine, some 60 thousand to 70 thousand thoughts cross the mind every day, it can be well understood that controlling the mind is not just difficult, but it is next to impossible. This gives a glimpse of Maya's powers. Hence, crossing an ocean appears to be an impossible task. However, the Lord has given assurance in the Bhagavad Gita (Gita-7.14) that one who takes shelter of Him can surely cross over the powers of Maya, i.e., the aspirant can cross at least one ocean. Let us give one example from modern times. Take the case of the great scientist, Dr Paul Adrien Maurice Dirac. He contributed greatly to the understanding of the behaviour of a class of particles called "Fermions". Enrico Fermi and Paul Dirac both contributed greatly to what is called Fermi-Dirac Statistics, that explains the behaviour of the rule-obedient particles. When it came to name these particles, Dirac gave all the credit to Enrico Fermi, and coined the term, "Fermion", to name these particles of physics. He did not take any credit for himself! Really, what a great man Dirac was! Dirac felt that Fermi was a great scientist, and that he should take the credit. As of today, there are broadly two classes of particles in physics. They are fermions and bosons (the "hadrons" being an intersection between the fermion-set and the boson-set). The three famous particles – electrons, protons and neutrons – are included in the fermion category. And, both these terms, "fermion" and "boson", were coined by Paul Dirac. Dirac was a good friend of the Indian scientist, Dr Satyen Bose. With great amount of effort, Satyen Bose wrote a paper to the Philosophical Magazine, which was a very

famous magazine then, with not many competitors. However, the editors of the Philosophical Magazine could not appreciate the paper of Satyen Bose. Bose's paper was rejected. Later, with the help of Einstein, the paper was published in Germany and it was then translated into English and published in another Magazine, from where, it caught the attention of the great scientist, Dr Paul Dirac. Dirac, who was already famous by then, praised Bose and gave the name, "Bosons", to the particles that represented the Bose-Einstein statistics. Thus, Bose became immortal, due to Dirac. Dirac was one of the few scientists at that time who understood the paper of Satyen Bose. Since Dirac was a great man, he gave credit to Bose. Had it been anyone else, Bose would have remained obscure like a forest-flower, whose beauty no one sees. Dirac was not only a great scientist. But he was a great human being too. He must have crossed the 3rd ocean mentioned in this article of Deepti Ranjan Hota. BARC scientists should learn something from Dirac's life. Because of his conquest of the ocean of Lobha, Dirac is considered to be the greatest Physicist of all time, after Newton and Einstein.

No wonder, Dirac was one of the youngest Nobel laureates. Dirac did not placate any boss. He was an aloof person, and so he did not mingle much with his people. Still, his colleagues praised him and Dirac became a great man. This was because he crossed one of the oceans (the 3rd ocean in this case). The basic criterion to enter into the realm of greatness is to cross one of the said oceans. No manipulation, no placation, no bribing, etc are necessary for that.



Archita Std 8

# The Making of Shree Jagannath Ratha Yatra 2018 in Anushaktinagar, Mumbai by Anushaktinagar Oriya Association : A long dream come true



Dr. Raghunath Acharya
Vice President, AOA &
Convener of Ratha Yatra 2018

Dear All Members, Donors and Devotees,

On-behalf of Ratha Yatra Committee 2018, first of all thank you very much for your kind support, cooperation and donation towards celebration of Shree Jagnnath Ratha Yatra 2018. I take this opportunity to let you know in this short article "The Making of Shree Jagannath Ratha Yatra and Bahuda Yatra for the year 2018" organized on July 14 and 22, 2018, respectively, in our Anushaktinagar residential colony under the banner of Anushaktinagar Oriya Association (AOA) with kind permission from DCS&EM, DAE.

In our Annual Cultural Function held in April 2018, I was asked by the Secretary of AOA to share the dais and say a few words. As I was not prepared, I thought let me speak less: (i) I will have a strong support for those who work relentlessly but do not come to lime light (basically strong and group of background players) and (ii) a long pending dream i.e., Shree Shree Jagnnath festivals by means Ratha Yatra (Car Festival) or daily Puja by having a Jagannath Temple where we can meet, have a regular get-to-gether and recall our Odisha festival days, culture, language and art. When Jagannath Puja and Temple words I uttered, it was welcomed by huge clapping from the members present. This gave me some hints that yes, scope is there work under AOA banner. For almost all Odia persons, no life without Lord Jagannath. Jagannath Temple, Puja, Mahaprasad, Puri, Bada Danda (road), Patita-Pavan Banaa ( Patakaa), Puri sea beach, Road to Puri from Bhubaneswar via Pipili and/or Konark, everything is beautiful and full of energy and emotions. Jagannath Bhajans are very attractive, heart touching and famous. History of Jagannath Temple, Jagannath Mahima, Chhapan bhoga (sathiye pauti bhoga) and Mahaprasad preparation in earthern pots are some examples of the insight rich activities. Puri Temple is known as world's biggest hotel, where nobody returns without having Mahaprasad whatever the number of devotees may be. One jhalak of God, just for a few seconds Darshan makes our soul / mind calm

and fill with lots of positive energy within us. Now Jagannath Dharma in India as well as in world is very famous no doubt. We do not spend anything to enter Puri Jagannath Temple and have darshan of Lord Jagannath, Lord Balabhadra and Maa Subhadra. Just enter via main door, walk through 22 steps ( Baisi pahacha) and go to a Dwar / gate and enter and see all three idols but without seeing chaka dola lord Jagannath it is incomplete. The most famous yearly festival in Odisha and today in India and in many parts of the world (through our Odia communities irrespective of religion, gender and caste) is Shree Jagannath Ratha Yatra ( also known as Car Festival ). In this Yatra all three idols come out of Temple and sit on separate Raths (made up of wooden wheel and structure with different colours of cloth) and with all devotees go for Yatra and remain out of Temple for 8 days and then back to the Temple. The Ratha Yatra is so famous that that not lakhs but millions of devotees watch live the Yatra and get the Darshan.

After the Annual Meeting of AOA, one day our friend Dr Raj Kishore Lenka met me during morning walk and expressed his desire to celebrate the famous Ratha Yatra this year in a small scale. Immediately, I sent a message to Dr Muktikant Ray, Secretary, AOA and he, without any delay, put up the proposal in the Agenda for the next EC meeting. Dr. B.K. Nayak, President, AOA agreed to our proposal and supported the idea. I was proposed as the Convener for the Ratha Yatra and I was asked to come out with suggested names of Committee, detailed proposal, how to do, how much budget, where we will do and also DCS&EM permission. To make it simple and it was decentralized and charges were distributed to various sub-committees: Dr. Ratikanta Mishra, Mr Chinmay Babu, Mr Dhiren, Mr Rout, Mr Srikant & others for Ratha making and decoration, Dr. Srikant Sahoo, Mr Ashwani Das & others for collection of Funds/contribution from Odia and other communities, Dr. P.K. Mishra, Dr Muktikant Ray, Dr Sam P Tripathy and others for Mahaprasad, Dr. Kuber Bhainsa, Dr Gouri, Mr Rajiv, Mr. Biswa and others, Ladies team for various arrangements and garland making towards Puja, Mr B. Parida & Mr Rout for route and security permission and myself coordinated the official permission from DCS&EM, invitations and other official coordination with AOA and DCSEM with help/advice from our Advisory & Executive Committee and President of AOA. I asked to give a target of expenditure, initially it was Rs. 1 lakh and we modified to 1.5 lakh, To our surprise and thanks all donors and volunteers we could get almost 3 times than expected collection amount except Hundi (Dana Peti/donation box) Collection. Our expenditure for both Ratha Yatra and Bahuda Yatra was within this amount and we could save some amount for our future activities related Jagannath Puja. Thanks to our Committee members and AOA EC and Advisory for supporting and advising in various stages of our preparation including celebration days.

Success of Ratha Yatra goes to all our members for whole hearted support as well as all non-Odia devotees/donors who came forward for this cause. Devotees in

1000 scale came forward and participated in the Yatra. Our letter submitted to DCS&EM was immediately accepted and we got permission for the Yatra for the first time since its inception in 1980s. We requested for " Peace and harmony", it was opened to all communities and there was no barrier for caste, creed, colour and religion. Our aim was very genuine:

Sarbe Bhabhantu Sukhina, Sarbe Santu Niramaya
Sarbe Bhadrani Pashyantu, maa kaschit dukh bhag bhabate.

The day before Ratha Yatra (July 13), we experienced breakdown of Ratha motorized vehicle. Dr R Mishra got upset and conveyed the message. We all along with President went near Duke factory and assured all do not worry. A person who is a RSS worker/regional President, came forward with tools and plug, and gave his service free of cost in the name of Lord Jagannath. He also assured us, at time he can be called for his service related to vehicle. Ratha entered DAE/BARC colony with grand welcome and our team started their work throughout the night. Our Ashwini bhai prepared four donation boxes and kept ready. Morning 7 am, Puja committee started all rituals by bringing iodols from Dr S. Chaudhury and Dr J.K. Mishra. Our Pandit Ji ( Padhy nana) did the Puja and on-behalf AOA, Mrs and Mr Nayak were present in the Puja and for Chhera Panhara. Ratha, three idols, people from all communities, Ratha daudi ( rope), two lines with many people holding Ratha daudi, Sankha, Ghanta, music with Odia Jagannath Bhajans, it was really " Dream Come True", its like riding the Everest. It all happened because of our volunteers relentless work and dedication. I agree with some great people's quotes that…….

1. A dream doesn't become reality through magic; it takes sweat, determination and hard work : Colin Powell
2. Every great dream begins with a dreamer. Always remember, you have within you the strength, the patience, and the passion to reach for the stars to change the world: Harriet Tubman
3. Keep your dreams alive. Understand to achieve anything requires faith and belief in yourself, vision, hard work, determination, and dedication. Remember all things are possible for those who believe : Gail Devers

Our Ratha Yatra route and time were proposed by us and agreed by DCS&EM (AO-III/APO/CAO). With all devotees and children we wentfrom Patali Putra to Hastinapur Market to Shantiniketan to Ragamala and on the way many devotees came out and did Puja. All were offered dry Prasad by our Pujari Ji. Bhajan, dance, Odishi dance made people "Pagal" and really happy. It was a life-time experience for all of us. Some Photos is given in Photo Gallery in Annexure I. We returned to our small office room near Almora Tennis court and placed God (as Temporary Mausima Mandir). Then we decided to perform Puja till Bahuda. We just thought let's invitee volunteers and sponsors for every day Puja and Prasad. It was really unbelievable to watch that every evening after prayer/arati, about 100-250 people were offered full meal Prasad. Then,

our committee got permission for Bahuda Yatra and again Ratha making and Flower decoration. We gained confidence and we were ready to Bhajans, Yatra and dance. Thanks to our ISKCON group lead by Dr Chaudhury and Dr Pranaw Kumar, they helped us in both days for Hare Krishna Bhajan and Kirtan with Murdang and other instruments. This time ultra Ratha, we decided to cover Western Sector via Eknath and then Tapti, kalish and seven sisters and back to our AOA office. Again Mahaprasad sevan that was cooked by our very known Bengali caterer. I still remember the taste, it was the best ever I have taken any Parsad. Thanks to our Dr Muktikant and team for the day and night sincere work.

In the end all is well. It was satisfying celebration. It all happened because we were united. It is well said that "United we stand and dived we fall". Request to all our members, please support and contribute in any forms for our future activities related Shree Jagannath Mahaprabhu. I personnaly thank to our members and management for having faith on me and I thank all our members of committees ( sorry if some names may be missed, details names are given in Annexure – II: List of volunteers of Ratha Yatra 2018), who have contributed more than me. Thanks to all authorities of DAE/BARC for permission and Securities (DCSEM) and Trombay Police for their presence and support. Hope to get opportunity to work for Ratha Yatra 2019 ( July 4) and Bahuda Yatra 2019 ( July 12) with more passion and vigour with more devotees and more funds. I do belive in the quote: " If there is will there is a way"

Jai Jagannath.



Lord Jagganath, Lord Balabhadra & Debi Subhadhra at AOA office

# ଜୀବନ ସୁରକ୍ଷା ନିଜ ବାସ ଭବନରେ!



**ବୈଷ୍ଣବ ଚରଣ ସାହୁ**

ଅଗ୍ନି ନିର୍ବାପକ ସେବା ବିଭାଗ, ଭାଭା ପରମାଣୁ ଗବେଷଣା କେନ୍ଦ୍ର,ମୁମ୍ବାଇ

